

ପବିତ୍ର ସ୍ୱାଧୀନତା ଦିବସ -୨୦୨୨ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ସ୍ୱାଧୀନତା ଆମ ପାଇଁ ବିଶେଷ ଉପଲବ୍ଧି । ସ୍ୱାଧୀନତାର ମହାର୍ଘ ଚେତନା ଓ ଭାବବୋଧ ଆମ ସମସ୍ତଙ୍କର ଧ୍ୟେୟ ହେଉ ବୋଲି ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ମୁଁ କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି । ଆସନ୍ତୁ, ଓଡ଼ିଶାର ବିକାଶ ରଥକୁ ଆହୁରି ଆଗକୁ ନେବା ସହିତ ଦେଶର ଗୌରବ ବୃଦ୍ଧି ପାଇଁ ଆଜିର ଏହି ପବିତ୍ର ଦିନରେ ସଂକଳ୍ପବଦ୍ଧ ହୋଇ କାମ କରିଚାଲିବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ବାର୍ତ୍ତା

ପବିତ୍ର ୭୬ତମ ସ୍ୱାଧୀନତା ଦିବସର ଶୁଭ ଅବସରରେ ମୁଁ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ଓ ସତ୍ୟାଗ୍ରହ ମାର୍ଗରେ ପରିଚାଳିତ ହୋଇ ଦେଶପ୍ରେମୀ ସଂଗ୍ରାମୀଙ୍କ ତ୍ୟାଗ, ତପସ୍ୟା ଓ ତିତିକ୍ଷା ବଳରେ ଆମେ କଷ୍ଟଲବ୍ଧ ସ୍ୱାଧୀନତା ହାସଲ କରିଛନ୍ତି ।

ଆସନ୍ତୁ, ଦେଶର ସ୍ୱାଧୀନତା ପାଇଁ ଆତ୍ମୋତ୍ସର୍ଗ କରିଥିବା ସଂଗ୍ରାମୀମାନଙ୍କର ବଳିଦାନକୁ ସସମ୍ମାନେ ସ୍ମରଣ କରିବା ଏବଂ ଏକ ସଶକ୍ତ ଓ ସମୃଦ୍ଧ ରାଜ୍ୟ ତଥା ଦେଶ ଗଢ଼ିବାକୁ ସଂକଳ୍ପବଦ୍ଧ ହେବା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS - 29 OIPR-15001/13/0094/2223



KOSHALA PRABAHA
କୋଶଳ ପ୍ରବାହ
www.koshalaprabaha.com
Postal Regd.No.: BGR - 02/2021-2023
ବର୍ଷ - ୨୨, ସଂଖ୍ୟା - ୩୮ | Volum. -22, Issue No.-38
Sunday, Balangir | ରବିବାର, ବଲାଙ୍ଗିର
R.N.I.No.: ODIODI/2000/03637
୨୧ ଅଗଷ୍ଟ - ୨୭ ଅଗଷ୍ଟ ୨୦୨୨ | 21 Aug. - 27 Aug. 2022
Odia Weekly | 8 Pages | Rs.2/- only


# ପାଂଚ ଦିନିଆ ଅଷ୍ଟ୍ରେଲିଆ ଗସ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



- ଅଗଷ୍ଟ ୨୦ରୁ ୨୪ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ
- କେନ୍ଦ୍ରମନ୍ତ୍ରୀଙ୍କ ଅଷ୍ଟ୍ରେଲିଆ ଗସ୍ତ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନରେ ସହଯୋଗୀ ହେବ
- ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିବେ
- ଅଷ୍ଟ୍ରେଲିଆର ଦକ୍ଷତା ଏବଂ ତାଲିମ ମନ୍ତ୍ରୀଙ୍କ ସହ ବୈଠକ
- ପ୍ରବାସୀ ଭାରତୀୟ, ଓଡ଼ିଆ ଏବଂ ଭାରତୀୟ ଛାତ୍ରଛାତ୍ରୀଙ୍କ ସହ ସାକ୍ଷାତ ଆଲୋଚନା
- ଅଷ୍ଟ୍ରେଲିଆ-ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର କାର୍ଯ୍ୟକ୍ରମରେ ଯୋଗ ଦେବେ
- ପ୍ରମୁଖ ବିଶ୍ୱବିଦ୍ୟାଳୟ, ସ୍କୁଲ ଓ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି

ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଆଇବି) : କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି (ଶନିବାର)ଠାରୁ ଅଗଷ୍ଟ ୨୪ ତାରିଖ ପର୍ଯ୍ୟନ୍ତ ପାଂଚଦିନିଆ ଅଷ୍ଟ୍ରେଲିଆ ଗସ୍ତରେ ଯାଉଛନ୍ତି । ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଗସ୍ତ କରୁଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନରେ ସହଯୋଗୀ ହେବ ।

ଅଗଷ୍ଟ ୨୧ ତାରିଖରେ ସିଡନୀରେ ପହିଂଚିବା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ପ୍ରବାସୀ ଭାରତୀୟଙ୍କୁ ଭେଟିବେ । ପରବର୍ତ୍ତୀ ପର୍ଯ୍ୟାୟରେ ୱେଷ୍ଟର୍ଣ୍ଣ ସିଡନୀ ବିଶ୍ୱବିଦ୍ୟାଳୟକୁ ଗସ୍ତ କରିବା ସହ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ । ଅଷ୍ଟ୍ରେଲିଆର ନବନିଯୁକ୍ତ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେରଙ୍କ ସହ ଭାରତ-ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ । ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ପରିଷଦର ଷଷ୍ଠ ବୈଠକରେ ଯୋଗଦେଇ ଭାରତର ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ନେଇ ମତ ପ୍ରକାଶ କରିବେ । ପରେ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀଙ୍କ ସହ ମିଳିତ ପ୍ରେସ ବିବୃତ୍ତି ରଖିବାର କାର୍ଯ୍ୟସୂଚୀ ରହିଛି । ଏହାବ୍ୟତିତ ଅଷ୍ଟ୍ରେଲିଆର ବିଭିନ୍ନ ସ୍କୁଲ ପରିଦର୍ଶନ କରିବା ସହ ଇନଷ୍ଟିଚ୍ୟୁଟ୍ ଅଫ୍ ଆପ୍ଲାଏ ଟେକ୍ନୋଲୋଜିକୁ ଗସ୍ତ କରିବେ । ସିଡନୀ ଠାରେ ଅଷ୍ଟ୍ରେଲିଆରେ ରହୁଥିବା ଭାରତୀୟ ଓ ଓଡ଼ିଆ ଲୋକଙ୍କୁ ଭେଟିବେ । ଏହା ପରେ ଉଲ୍ଲନଗୋଙ୍ଗ୍ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ସାକ୍ଷାତକାର୍ କରିବାର କାର୍ଯ୍ୟକ୍ରମ ରହିଛି । (ସପ୍ତମ ପୃଷ୍ଠା ଦେଖନ୍ତୁ)

# 'ଓସାକା' ହାଇଦ୍ରାବାଦର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ମଂଚରେ ପାଳିତ ହେବ ସେପ୍ଟେମ୍ବର ୧୮ରେ



ହାଇଦ୍ରାବାଦ : ହାଇଦ୍ରାବାଦ ସ୍ଥିତ ପ୍ରବାସୀ ପଶ୍ଚିମ ଓଡିଶାବାସୀଙ୍କ ଅଗ୍ରଣୀ ସଂଗଠନ 'ଓସାକା' ପକ୍ଷରୁ ଚଳିତ ବର୍ଷ ନୂଆଁଖାଇ ଭେଟ୍‌ଘାଟ୍ କରୋନା କାଳ ପୂର୍ବ ବର୍ଷ ଭଳି ମଂଚରେ ପାଳନ କରିବାକୁ ସ୍ଥିରିକୃତ ହୋଇଛି । ରବିବାର ଦିନ ଆୟୋଜିତ ନୂଆଁଖାଇ ପ୍ରସ୍ତୁତି ବୈଠକରେ 'ଓସାକା'ର ଶତାଧିକ ପୁରୁଷ ଏବଂ ମହିଳା କର୍ମକର୍ତ୍ତା ଯୋଗଦେଇ ସୁନିୟୋଜିତ ଢଙ୍ଗରେ ଏହି ବର୍ଷ ପାଳନ ପାଇଁ ମତାମତ ପ୍ରଦାନ କରିଥିଲେ । ଆସନ୍ତା ୧୮ ସେପ୍ଟେମ୍ବର ୨୦୨୨ ତାରିଖ ଦିନ ହାଇଦ୍ରାବାଦର ଶ୍ରୀନଗର କଲୋନୀ ସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପମ୍ ଠାରେ ଏଥର ନୂଆଁଖାଇ ପାଳନ ପାଇଁ ନିର୍ଦ୍ଧାରିତ (ସପ୍ତମ ପୃଷ୍ଠା ଦେଖନ୍ତୁ)

# ଭିଡିଓ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଜଳଜୀବନ ମିଶନ ଅଧୀନସ୍ଥ 'ହର ଘର ଜଲ୍ ଉତ୍ସବ'ରେ ସମ୍ବୋଧନ

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଭିଡିଓ ବାର୍ତ୍ତା ଜରିଆରେ ଜଳଜୀବନ ମିଶନ ଅଧୀନ ହର ଘର ଜଲ ଉତ୍ସବକୁ ସମ୍ବୋଧିତ କରିଛନ୍ତି । ଏହି ସମାରୋହ ଗୋଆରେ ଅନୁଷ୍ଠିତ ହୋଇଛି । ଗୋଆ ମୁଖ୍ୟମନ୍ତ୍ରୀ ଶ୍ରୀ ପ୍ରମୋଦ ସାୱନ୍ତ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ଅବସରରେ ଉପସ୍ଥିତ ଥିଲେ । ଜନ୍ମାଷ୍ଟମୀର ପବିତ୍ର ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀକୃଷ୍ଣ ଭକ୍ତମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।



- ଦେଶର ଦଶକୋଟି ଗ୍ରାମାଂଚଳ ପରିବାର ସ୍ୱଚ୍ଛ ପାଇପ ଜଳ ସଂଯୋଗ ସୁବିଧା ପାଇଛନ୍ତି ।
- ଗୋଆ ଦେଶର ପ୍ରଥମ ହର ଘର ଜଳ ପ୍ରମାଣିତ ରାଜ୍ୟ ହୋଇଛି ।
- ଏହି ସୁବିଧା ହାସଲ କରିବାରେ ଦାଦ୍ରାନଗର ହାବେଲୀ ଓ ଡାମନ ଏବଂ ଡ୍ୟୁ ଦେଶର ପ୍ରଥମ କେନ୍ଦ୍ର ଶାସିତ ଅଂଚଳ ।
- ଦେଶର ବିଭିନ୍ନ ରାଜ୍ୟର ଏକ ଲକ୍ଷ ଗ୍ରାମ ବାହ୍ୟ ମଳ ମୂତ୍ର ତ୍ୟାଗ ଅଂଚଳ ହୋଇପାରିଛି ।
- ଅମୃତ କାଳ ପାଇଁ ଏହାଠାରୁ ଭଲ ଆରମ୍ଭ ଆଉ କିଛି ନାହିଁ ।
- ଗତ ସାତ ଦଶନ୍ଧି ମଧ୍ୟରେ ଦେଶର ତିନିକୋଟି ପରିବାର ପାଇପ ଜଳ ପାଇଥିବା ବେଳେ ମାତ୍ର ଗତ ତିନିବର୍ଷ ମଧ୍ୟରେ ସାତକୋଟି ଗ୍ରାମାଂଚଳ ପରିବାର ପାଇପ ଜଳ ସଂଯୋଗ ପାଇପାରିଛନ୍ତି ।
- ଏହା ହିଁ ମାନବ କୈନ୍ଦ୍ରିକ ବିକାଶର ଏକ ଉଦାହରଣ, ଯାହା ମୁଁ ଏଥର ଲାଲକିଲ୍ଲାରୁ କହିଥିଲି ।
- ଜଳ ଜୀବନ ଅଭିଯାନ କେବଳ ଏକ ସରକାରୀ ଯୋଜନା ନୁହଁ, ଏହା ଗୋଷ୍ଠୀ ପାଇଁ ଯୋଜନା ଓ ଗୋଷ୍ଠୀ ଦ୍ୱାରା ପରିଚାଳିତ ଯୋଜନା ।
- ଜନତା ଶକ୍ତି, ମହିଳା ଶକ୍ତି ଓ ପ୍ରଯୁକ୍ତି ଶକ୍ତି ଜଳ ଜୀବନ ମିଶନକୁ ଶକ୍ତିଶାଳୀ କରିଛି ।

ପ୍ରଥମେ ପ୍ରଧାନମନ୍ତ୍ରୀ ଅମୃତ କାଳରେ ଦେଶ ସଫଳତା ହାସଲ କରିଥିବା ତିନିଟି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ନିମନ୍ତେ ସମସ୍ତ ଭାରତବାସୀଙ୍କ ସହ ସାମିଲ ହୋଇଥିଲେ । ପ୍ରଥମତଃ ଆଜି ଦେଶର ଦଶକୋଟି ଗ୍ରାମାଂଚଳ ପରିବାର ପାଇପ ଯୋଗେ ସ୍ୱଚ୍ଛ ଜଳ ସୁବିଧା ପାଇପାରିଛନ୍ତି । ପ୍ରତ୍ୟେକ ପରିବାରକୁ ଜଳ ଯୋଗାଇ ଦେବା ନେଇ ସରକାରଙ୍କ ଯେଉଁ ଅଭିଯାନ ରହିଛି ଏହା ସେ ଦିଗରେ ଏକ ବିରାଟ ସଫଳତା । ଏହା 'ସବକା ପ୍ରୟାସ'ର ଏକ ବିରାଟ ଉଦାହରଣ । ଦ୍ୱିତୀୟତଃ ଗୋଆ ପ୍ରତ୍ୟେକ ପରିବାରକୁ ପାଇପ ଯୋଗେ ଜଳ ଯୋଗାଣ କରି ହର ଘର ଜଳ ଅଭିଯାନକୁ ପ୍ରମାଣିତ କରିପାରିଛି । ଏହି ଲକ୍ଷ୍ୟ ହାସଲ ଦିଗରେ ସଫଳତା ହାସଲ କରିଥିବା ଦାଦ୍ରାନଗର ହାବେଲୀ, ଡାମନ ଓ ଡ୍ୟୁ ପ୍ରଥମ କେନ୍ଦ୍ରଶାସିତ ଅଂଚଳ ବୋଲି ମଧ୍ୟ ସେ କହିଥିଲେ । ପ୍ରଧାନମନ୍ତ୍ରୀ ଜନସାଧାରଣ, ସରକାର ଓ ସ୍ୱାୟତ୍ତ ଶାସନ ସଂସ୍ଥାକୁ ଏଥିପାଇଁ ପ୍ରଶଂସା କରିଥିଲେ । ଖୁବ ଶୀଘ୍ର ଏହି ତାଲିକାରେ ଆହୁରି ଅନେକ ରାଜ୍ୟ ସାମିଲ ହେବାକୁ ଯାଉଛନ୍ତି ବୋଲି ସେ କହିଥିଲେ ।

ତୃତୀୟ ସଫଳତା ନେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର ବିଭିନ୍ନ ରାଜ୍ୟର ଏକ ଲକ୍ଷ ଗ୍ରାମ ବାହ୍ୟ ମଳ ମୂତ୍ର ତ୍ୟାଗମୁକ୍ତ ହୋଇପାରିଛି । ଦେଶ ବାହ୍ୟ ମଳ ମୂତ୍ର ତ୍ୟାଗମୁକ୍ତ କରିବା କିଛି ବର୍ଷ ପୂର୍ବରୁ ଘୋଷଣା କରାଯିବା ପରେ ପରବର୍ତ୍ତୀ ସଂକଳ୍ପ ହେଉଛି ଏହି ଓଡିଏଫ ପ୍ଲସ ସ୍ଥିତି ଗ୍ରାମରେ ହାସଲ କରିବା ନିମନ୍ତେ ଗ୍ରାମବାସୀଙ୍କ ନିକଟରେ ଗୋଷ୍ଠୀ ଶୌଚାଳୟ, ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା, ଗୋବର୍ଦ୍ଧନ ପ୍ରକଳ୍ପ ଓ ପରିସ୍କାର ଜଳ ପରିଚାଳନା ଇତ୍ୟାଦି ହେବା ଆବଶ୍ୟକ ।

ବିଶ୍ୱ ସାମ୍ନା କରୁଥିବା ଜଳ ସୁରକ୍ଷା ସମସ୍ୟା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିକଶିତ ଭାରତ ନିମନ୍ତେ ଜଳ ସଂକଟ ଏକ ବିରାଟ ପ୍ରତିବନ୍ଧକ ହୋଇ ଛିଡା ହେବ । ଜଳ ସୁରକ୍ଷା ନିମନ୍ତେ ଆମ ସରକାର ଗତ ଆଠ ବର୍ଷ ଧରି ନିରବଚ୍ଛିନ୍ନ ପ୍ରୟାସ କରି ଆସୁଛି ବୋଲି ସେ କହିଥିଲେ । ସ୍ୱାର୍ଥନ୍ୱେଷୀ ସ୍ୱଳ୍ପ ମିଆଦୀ କାର୍ଯ୍ୟକ୍ରମ ପରିବର୍ତ୍ତୀ ଦୀର୍ଘ ମିଆଦୀ ବ୍ୟବସ୍ଥା ଉପରେ ଗୁରତ୍ୱ ଆରୋପ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏକଥା ସତ୍ୟ ଯେ ଗୋଟେ ସରକାର ଗଠନ ନିମନ୍ତେ ଯେତେ ପରିଶ୍ରମ ଆବଶ୍ୟକ ନାହିଁ ଏକ ଦେଶ ଗଠନ ନିମନ୍ତେ ତାଠାରୁ ଯଥେଷ୍ଟ ପରିଶ୍ରମ ଦରକାର । ଆମେ ସମସ୍ତେ ଦେଶ ଗଠନ ନିମନ୍ତେ ବଛା ହୋଇଛୁ । ସେଥିପାଇଁ ଆମେ ବର୍ତ୍ତମାନ ଓ ଭବିଷ୍ୟତରେ ଆହ୍ୱାନଗୁଡ଼ିକୁ ଆଖି ଆଗରେ ରଖି କାର୍ଯ୍ୟ କରୁଛୁ । ଯେଉଁମାନଙ୍କ ଦେଶପ୍ରତି ଖାତିର ନାହିଁ, ସେମାନେ ଦେଶର ବର୍ତ୍ତମାନ ଓ ଭବିଷ୍ୟତକୁ ମଧ୍ୟ ଭ୍ରୁକ୍ଷେପ କରନ୍ତି ନାହିଁ । ସେମାନେ ବଡ ବଡ କଥା କହିପାରନ୍ତି, ମାତ୍ର ପାଣି ପାଇଁ ଭବିଷ୍ୟତରେ କିଛି ବି କରିପାରିବେ ନାହିଁ ।

ଜଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର ନେଇଥିବା ବହୁବିଧ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ 'କ୍ୟାଚ୍ ଦି ରେନ୍' ଅଟଳ ଭୂଜଳ ଯୋଜନା, ପ୍ରତ୍ୟେକ ଜିଲ୍ଲାରେ ୭୫ଟି ଅମୃତ ସରୋବର, ନଦୀ ସଂଯୋଗୀକରଣ ଓ ଜଳ ଜୀବନ ମିଶନ ପ୍ରଭୃତିର ତାଲିକା ଦେଇଥିଲେ । ଭାରତରେ ରାମସାର ଆଦ୍ରଭୂମୀ ସ୍ଥଳୀ ୭୫କୁ ବୃଦ୍ଧି ପାଇଥିବା ବେଳେ, ସେଥିରୁ ୫୦ଟି କେବଳ ଗତ ଆଠ ବର୍ଷ ମଧ୍ୟରେ ସାମିଲ ହୋଇଥିବା ସେ ପ୍ରକାଶ କରିଥିଲେ ।

ଅମୃତ କାଳରେ ଏହାଠାରୁ ଆଉ ଭଲ ଆରମ୍ଭ ହୋଇ ନପାରେ ବୋଲି କହି ପ୍ରଧାନମନ୍ତ୍ରୀ କହିଥିଲେ ଯେ ମାତ୍ର ତିନି ବର୍ଷରେ ଦେଶର ସାତ କୋଟି ଗ୍ରାମୀଣ ପରିବାର ପାଇପ ଯୋଗେ ପାଣି ପାଇଥିବା ବେଳେ ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ତିନି କୋଟି ପରିବାର ଏହି ସୁବିଧା ପାଇଥିଲେ । ସେ କହିଥିଲେ ଯେ, ଦେଶରେ ପ୍ରାୟ ୧୬ କୋଟି ପରିବାର ଏପରି ଅଛନ୍ତି, ଯେଉଁମାନେ ବାହାର ଜଳ ଉତ୍ସ ଉପରେ ନିର୍ଭରଶୀଳ । ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ଆମେ ଗ୍ରାମାଂଚଳର ଏହି ବିଶାଳ ଜନସଂଖ୍ୟାକୁ ବଂଚିତ କରିପାରିବା ନାହିଁ । ସେଥିପାଇଁ ମୁଁ ତିନି ବର୍ଷ ପୂର୍ବରୁ ପ୍ରତ୍ୟେକ ପରିବାର ପାଇପ ପାଣି ପାଇବେ ବୋଲି ମୁଁ ଲାଲକିଲ୍ଲାରୁ ଘୋଷଣା କରିଥିଲି । ଏହି ଅଭିଯାନ ପାଇଁ ୩ ଲକ୍ଷ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି । ଶହେ ବର୍ଷ ମଧ୍ୟରେ ସବୁଠାରୁ ବଡ ବୈଶ୍ୱିକ ମହାମାରୀ ସତ୍ତ୍ୱେ ଅଭିଯାନର ଗତି ଧିମେଇ ଯାଇନାହିଁ । ଏହି ନିରବଚ୍ଛିନ୍ନ ଉଦ୍ୟମର ଫଳ ଏହା ହୋଇଛି ଯେ ଗତ ସାତ ଦଶନ୍ଧି ମଧ୍ୟରେ ଦେଶରେ ଯାହା ହୋଇପାରିନଥିଲା, ମାତ୍ର ତିନି ବର୍ଷରେ ତାହା ଦୁଇ ଗୁଣ ଅଧିକ କାର୍ଯ୍ୟ ହୋଇଛି । ଏହା ମଧ୍ୟ ସେହି ମାନବ କୈନ୍ଦ୍ରିକ ବିକାଶର ଅଂଶ ବିଶେଷ ଯାହାକି ମୁଁ ଏଥର ମଧ୍ୟ ଲାଲକିଲ୍ଲାରୁ କହିଛି ।

ପ୍ରଧାନମନ୍ତ୍ରୀ ଭାବି ପିଢ଼ି ଓ ମହିଳାମାନଙ୍କ ନିମନ୍ତେ ହର ଘର ଜଳର ସୁବିଧା ଉପରେ ଆଲୋକପାତ କରିଥିଲେ । ଜଳ ସଂକ୍ରାନ୍ତରେ ସବୁଠାରୁ ହଇରାଣ ମହିଳାମାନେ ହେଉଥିବାରୁ ସେମାନେ ସରକାରଙ୍କ ଏହି ଯୋଜନାର କେନ୍ଦ୍ରବିନ୍ଦୁ ଅଟନ୍ତି । ଏହା ମହିଳାମାନଙ୍କ ଜୀବନରେ ସୁବିଧା ଆଣି ଦେଇଥିବା ବେଳେ ସେମାନଙ୍କୁ ଜଳ ପରିଚାଳନାରେ ମୁଖ୍ୟ ଭୂମିକା ପ୍ରଦାନ କରିଛି । ଜଳ ଜୀବନ ଅଭିଯାନ କେବଳ ମାତ୍ର ସରକାରୀ ଯୋଜନା ନୁହେଁ, ଏହା ଏକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଓ ଗୋଷ୍ଠୀ ପାଇଁ ଯୋଜନା ବୋଲି ସେ କହିଥିଲେ ।

ପ୍ରଧାନମନ୍ତ୍ରୀ ଜଳଜୀବନ ମିଶନ ସଫଳତା ନିମନ୍ତେ ଚାରିଟି ସ୍ତମ୍ଭ ବିଷୟରେ ସୂଚନା ଦେଇଥିଲେ । ସେଗୁଡିକ ହେଲା ଜନସାଧାରଣଙ୍କ ଅଂଶ ଗ୍ରହଣ, ଅଂଶୀଦାରମାନଙ୍କ ଭାଗୀଦାରୀ, ରାଜନୀତିକ ଇଛା ଓ ସମ୍ବଳର ସୁବିନିଯୋଗ । ସ୍ଥାନୀୟ ଜନସାଧାରଣ ଓ ଗ୍ରାମସଭା ଓ ସ୍ଥାନୀୟ ପ୍ରଶାସନିକ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡିକର ଅଭିଯାନ ସଫଳତା ପାଇଁ ପର୍ଯ୍ୟାପ୍ତ ଭୂମିକା ରହିଛି । ସ୍ଥାନୀୟ ମହିଳାମାନଙ୍କୁ ଜଳର ପରୀକ୍ଷା ପାଇଁ ତାଲିମ ପ୍ରଦାନ କରାଯିବା ସହ ପାଣି ସମିତିର ସଦସ୍ୟ କରାଯାଇଛି । ଅଂଶୀଦାରମାନଙ୍କ ଭାଗୀଦାରୀତା ପଂଚାୟତ, ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାନୁଷ୍ଠାନ ଓ ସମସ୍ତ ମନ୍ତ୍ରଣାଳୟର ସହଯୋଗରୁ ସୁସ୍ପଷ୍ଟ । ସେ ଦୃଷ୍ଟିରୁ ସାତ ଦଶନ୍ଧିରେ ହାସଲ କରାଯାଇପାରିନଥିବା ବିଷୟ ମାତ୍ର ସାତ ବର୍ଷ ମଧ୍ୟରେ ହାସଲ ହେବା ରାଜନୀତିକ ଇଚ୍ଛାଶକ୍ତି ଯୋଗୁଁ ସମ୍ଭବ ହୋଇଛି । ସମ୍ବଳର ସୁବିନିଯୋଗ ମନରେଗା ଭଳି ଯୋଜନା ସହ ତାଳଦେବା ଏହି କାର୍ଯ୍ୟର ପ୍ରତିଫଳନ । ପାଇପ ଜଳର ସମ୍ପୂର୍ଣ୍ଣ ଉପଲବ୍ଧତା ମଧ୍ୟ ସମସ୍ତ ବାଛବିଚାର ସମ୍ଭାବନାକୁ ଅଚିରେ ଦୂର କରିବ ବୋଲି ସେ କହିଥିଲେ ।

ପ୍ରଯୁକ୍ତି ବିଦ୍ୟାର ଉପଯୋଗ ନେଇ ଜଳ ସମ୍ପଦର ଜିଓ ଟ୍ୟାଗିଂ ଜଳ ଯୋଗାଣ ଓ ଗୁଣାତ୍ମକ ନିୟନ୍ତ୍ରଣରେ ଇଂଟରନେଟର ପ୍ରୟୋଗ ବିଷୟ ଅବତାରଣା କରି ପ୍ରଧାନମନ୍ତ୍ରୀ ଲୋକଶକ୍ତି, ନାରୀଶକ୍ତି, ପ୍ରଯୁକ୍ତି ବିଦ୍ୟା ଶକ୍ତି ଜଳ ଜୀବନ ମିଶନକୁ ଶକ୍ତି ଯୋଗାଇଛି ବୋଲି କହିଥିଲେ ।

## ସଂପାଦକୀୟ

# ଅମୃତ ମହୋତ୍ସବ

ଦେଶ ପାଳିଛି ୭୫ ବର୍ଷର ଆଜାଦି କା ଅମୃତ ମହୋତ୍ସବ । ୭୬ତମ ସ୍ୱାଧୀନତା ଦିବସ ପାଳନ କରି ସାରିଛୁ ଆମେମାନେ । ଏତିକି ବର୍ଷର ଯାତ୍ରା ଭିତରେ ଆମେ ଅନେକ ସମୃଦ୍ଧି ହାତେଇବାକୁ ସକ୍ଷମ ହୋଇପାରିଛୁ, ଏହା ସ୍ୱୀକାର କରିବାକୁ ହେବ । ଅନେକ ଅନ୍ଧାର ଗାଁକୁ ଆଲୁଅ ପହଂଚିଛି । କିଛି କିଛି ଭୋକ ବି ମେଂଟିଛି ମଣିଷ ହାଟରେ । ସହଜ ହୋଇଛି ଗମନାଗମନ । ଆହୁରି ସୁଗମ୍ୟ ହୋଇଛି ପରସ୍ପର ସହ କଥୋପକଥନ । ଆହୁରି ଅନେକ ଦିଗ ଏବେ ଉପରମୁହାଁ ନିଶ୍ଚୟ । ଅଥଚ ଆରପାଖକୁ ବି ଆଖି ଅନିଚ୍ଛା ସତ୍ୱେ ଧାଇଁ ଯାଉଛି । ମଣିଷ ଭିତରେ ମଣିଷଟିଏ ଖୋଜିବା ବେଳକୁ ନିରାଶ ହେବାକୁ ପଡୁଛି । ଯେଉଁଠି ଯେମିତି ମଣିଷଟିଏ ଯଦି ବି ମିଳୁଛି, ତେବେ ସେ ବି ମରି ମରି ବଂଚୁଛି । ସଂପର୍କ ସବୁ ଭିତରେ ଭିତରେ ସାତସିଆଁ ଫାଟ । ପାଚେରୀମୟ ମଣିଷ ହାଟ । ବାପୁଜୀଙ୍କ ବାଣୀ 'ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ସମାନ', ଏବେ ବି ଆମମାନଙ୍କ ପାଇଁ ଅପହଂଚ ଅପହଂଚ ମନେ ହେଉଛି । ଗମନାଗମନର ବେଶ୍ ସୁବିଧା ହାତେଇବା ପରେ ବି ପାଦମାନେ ଘେରାଏ ବୁଲି ଆସିବାକୁ ଅନାସକ୍ତ । ସଂପର୍କ ଯୋଡ଼ିବାକୁ ହଜାରେ ମାଧ୍ୟମ ଥାଇ ବି ସଂପର୍କମାନେ ଗୁରୁତର ଭାବେ ଆହତ । କେଉଁ ସଂପର୍କର ଡେଣା ଛିଣ୍ଡି ସାରିଛି ତ' କେଉଁ ସଂପର୍କ ପୁଣି ଆଖି ହରାଇ ଅଂଧ ସାଜିଛି । ସବୁଠାରୁ ବଡ଼ ଦୁଃଖର ବିଷୟ ଯେ, କାହାକୁ ବି ସମ୍ଭାଳି ନେବାକୁ ଅସମର୍ଥ ଏବେ ସଂପର୍କମାନଙ୍କ କାନ୍ଧ ।

ଏଠାରେ ଗୋଟିଏ ଦିଗ ପ୍ରତି ଆମକୁ ବେଶ୍ ସଚେତନ ହେବାକୁ ପଡ଼ିବ ଭଳି ମନେହୁଏ । ଆମକୁ ଚିନ୍ତା କରିବାକୁ ହେବ ଯେ, ଆମେ ସମୃଦ୍ଧି ଆଡ଼କୁ ବଡ଼ ବହପରେ ଧାଇଁବା ଭିତରେ ନିଜ ଭିତରେ ରହିଥିବା ମଣିଷକୁ କେଉଁଠି କେଉଁ ଭିଡ଼ ଭିତରେ ଛାଡ଼ି ଦେଇନାହୁଁ ତ' !

ଏବେ ଆମର ଆତ୍ମସମୀକ୍ଷାର ବେଳ । ଆମର ପ୍ରିୟ ସଚରାଚରରେ ମାନବ ସମାଜର ସାମୁହିକ ସମୃଦ୍ଧି ଓ ଅମୃତମୟ ସହାବସ୍ଥାନ ପ୍ରତି ଯଥୋଚିତ ଯତ୍ନ ନେବାର ସମୟ ଏବେ । ଆସନ୍ତୁ, ସଭିଏଁ ମିଶି ଏକ ସୁସ୍ଥ ମାନବ ସମାଜ ଗଠନ ପାଇଁ ସଂକଳ୍ପ ନେବା ।

# ୧୦ କୋଟି ଗ୍ରାମାଂଚଳ ପରିବାରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି

## ଗ୍ରାମାଂଚଳର ୫୨ ଭାଗରୁ ଅଧିକ ଘରକୁ ଟ୍ୟାପ ପାଣି ମିଳୁଛି :୧୦କୋଟି ପରିବାରର ମହିଳା ଓ ଝିଅମାନେ ଏବେ ଘର ପାଇଁ ପାଣି ସଂଗ୍ରହ କରିବା ଜଞ୍ଜାଳରୁ ମୁକ୍ତ



ନୂଆଦିଲ୍ଲୀ, (ପିଆଇବି) : ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଦେଶ 'ଆଜାଦି କି ଅମୃତ ମହୋତ୍ସବ' ପାଳନ କରୁଥିବାବେଳେ 'ଜଳ ଜୀବନ ମିଶନ' (ଜେଜେଏମ୍) ୧୦କୋଟି ଗ୍ରାମୀଣ ପରିବାରକୁ ପାଇପ ଯୋଗେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦେଇ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି ।

୨୦୧୯ ଅଗଷ୍ଟ ୧୫ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲା ଉପରୁ ଏହି ଜଳଜୀବନ ମିଶନର ଆରମ୍ଭ ବିଷୟ ଘୋଷଣା କରିଥିଲେ । ସେତେବେଳେ ଦେଶର ଗ୍ରାମାଂଚଳରେ ମାତ୍ର ୩. ୨୩କୋଟି (୧୬.୯୦%) ପରିବାରକୁ ଟ୍ୟାପ୍ ଜଳର ସୁବିଧା ମିଳୁଥିଲା । ଯୋଜନା ଆରମ୍ଭର ତିନିବର୍ଷ ମଧ୍ୟରେ ଏବେ ୨୦୨୨ ଅଗଷ୍ଟ ୧୯ସୁଦ୍ଧା ୧୦କୋଟି ଗ୍ରାମାଂଚଳ ପରିବାରକୁ ଟ୍ୟାପ ଯୋଗେ ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳଯୋଗାଇ ଦେବା ସମ୍ଭବ ହୋଇଛି ।

ଆଜିର ତାରିଖ ସୁଦ୍ଧା ଗୋଆ, ତେଲଙ୍ଗାନା ଓ ହରିଆଣା ରାଜ୍ୟ ଏବଂ ପୁଡୁଚେରୀ, ଦାଦ୍ରା ଓ ନଗର ହାବେଲୀ, ଡାମନ ଓ ଡିଉ ଏବଂ ଅଣ୍ଡାମାନ ନିକୋବର କେନ୍ଦ୍ରଶାସିତ ଅଂଚଳରେ ଶତ ପ୍ରତିଶତ ଗ୍ରାମୀଣ ପରିବାରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି ।

ଏହା ବ୍ୟତୀତ ପଞ୍ଜାବରେ ଏହି ଜଳ ଯୋଗାଣ ୯୯.୯୩%, ଗୁଜରାଟରେ ୯୭.୦୩%, ବିହାରରେ ୯୫. ୫୧%, ହିମାଚଳ ପ୍ରଦେଶରେ ୯୪.୮୮%ରେ ପହଂଚି ଶତ ପ୍ରତିଶତ ଲକ୍ଷ୍ୟ ହାସଲର ନିକଟତର ହୋଇଛି ।

୨୦୨୨ ଅଗଷ୍ଟ ସାତ ତାରିଖରେ ଗୋଆ, ଦାଦ୍ରା ଓ ନଗର ହାବେଳି, ଡାମନ ଓ ଡିଉରେ ସବୁ ଗ୍ରାମୀଣ ପରିବାରକୁ ଟ୍ୟାପ ଜଳ ଯୋଗାଇ ଦିଆଯାଇ "ହର ଘର୍ ଜଲ୍" ଯୋଜନାର ପ୍ରଥମ ସଫଳ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପ୍ରମାଣପତ୍ର ପ୍ରଦାନ

(ସପ୍ତମ ପୃଷ୍ଠା ଦେଖନ୍ତୁ)

# ଗୋପବନ୍ଧୁ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛତା କି ପଖ୍ୱାଡା କାର୍ଯ୍ୟକ୍ରମ ଅନୁଷ୍ଠିତ



ଭବାନୀପାଟଣା, (ନିପ୍ର) : ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧିନସ୍ଥ ଶାଖା ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଓ ଗୋପବନ୍ଧୁ ସାଂସ୍କୃତିକ ଅନୁଷ୍ଠାନ, ପାଲସିପଡାର ମିଳିତ ଉଦ୍ୟମରେ ପାଲସିପଡାର କ୍ଲବ ଘର ଠାରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସଭାପତି, ସମ୍ପାଦକଙ୍କ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା । କ୍ଲବର ସମସ୍ତ ସଦସ୍ୟ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଅଭିଷେକ ବେହେରା, ଯଶୋବନ୍ତ ରଣା ଓ ଗ୍ରାମବାସୀଙ୍କ ସହଯୋଗରେ କ୍ଲବ ପରିସର ସଫେଇ କରାଯାଇଥିଲା । ପରେ ରାସ୍ତା କଡ଼ରେ ଉଠିଥିବା ଅନାବନା ଘାସ ମଧ୍ୟ ସଫା କରାଯାଇଥିଲା । ଏଥିରେ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ସ୍ୱେଚ୍ଛାସେବୀ ଅଭିଷେକ ବେହେରା ଓ ଯଶୋବନ୍ତ ରଣା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଓଡିଶା ଟେନିସ ବଲ୍ କ୍ରିକେଟ୍ ଦଳକୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, (ନିପ୍ର) : ଚେନ୍ନାଇଠାରେ ଅନୁଷ୍ଠିତ ହୋଇଥିବା ୨୭ତମ ଜାତୀୟ ସବ୍ ଜୁନିୟର ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ତୃତୀୟ ସ୍ଥାନ ସହିତ ବ୍ରୋଞ୍ଜ ପଦକ ହାସଲ କରିଛି । ଓଡ଼ିଆ ଦଳ ପ୍ରତ୍ୟାବର୍ତ୍ତନ କରିଛି । ବ୍ରୋଞ୍ଜ ପଦକ ବିଜୟୀ ଓଡିଶା ଦଳରେ ସାମିଲ ଖେଳାଳି ଓ ମ୍ୟାନେଜର ସମୀରକାନ୍ତ ମହାପାତ୍ରଙ୍କୁ ଭୁବନେଶ୍ୱର ଷ୍ଟେସନରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଓଡ଼ିଶାର ଜଣାଶୁଣା ସଂଗଠନ ଉଇ ଫର ଭୁବନେଶ୍ୱର ସମସ୍ତ କର୍ମକର୍ତ୍ତା, ଓଡିଶା ଟେନିସ୍ ବଲ୍ କ୍ରିକେଟ୍ ସଂଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଶୋକ ଦାଶ, ଯୁଗ୍ମସମ୍ପାଦିକ ସୋମନାଥ ପରିଡ଼ା, ସଞ୍ଜୟ ବିଶୋୟୀ, ପ୍ରକାଶ ସାହୁ, ରଞ୍ଜନ ନାୟକ ଏବଂ ଓଡିଶା ଦଳର ମୁଖ୍ୟ କୋଚ୍ ଚକ୍ରଧର ମାଝୀଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଓ ବ୍ୟକ୍ତି ବିଶେଷ ଦଳର ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ସେପ୍‌ଟେମ୍ବର ପ୍ରଥମ ସପ୍ତାହରେ ସୁପ୍ରିୟା ମେମୋରିଆଲ ଜିଲ୍ଲା ଫୁଟବଲ୍ ପ୍ରତିଯୋଗିତା



ବରଗଡ଼, (ନିପ୍ର) : ବରଗଡ ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଅନୁଷ୍ଠିତ ହେଉଥିବା ଜିଲ୍ଲା ସୁପ୍ରିୟା ମେମୋରିଆଲ ଫୁଟବଲ୍ ପ୍ରତିଯୋଗିତା ଆସନ୍ତା ସେପ୍‌ଟେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହେବାକୁ ଯାଉଅଛି । ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଜିଲ୍ଲା କ୍ରୀଡା ସଂସଦର ଅନୁବନ୍ଧିତ କ୍ଲବ, ଶିକ୍ଷାନୁଷ୍ଠାନ ଆସନ୍ତା ୨୦ ତାରିଖରୁ ସେପ୍‌ଟେମ୍ବର ୧ ତାରିଖ ମଧ୍ୟରେ ଜିଲ୍ଲା କ୍ରୀଡା ସଂସଦରେ ନିଜର ଅନୁଷ୍ଠାନର ପ୍ରବେଶ ଫି ଦେଇ ପଞ୍ଜିକୃତ କରାଇ ନେବାକୁ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଓ ଫୁଟବଲ ସମ୍ପାଦକ ଜଣାଇଛନ୍ତି । କେବଳ ବରଗଡ ଜିଲ୍ଲାର ଆଧାର କାର୍ଡ ଥିବା ଖେଳାଳିମାନଙ୍କ ପଞ୍ଜିକରଣ ହେବ ବୋଲି କ୍ରୀଡା ସଂସଦ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଯାଇଛି ।

# ପାଟଣାଗଡରେ କୃଷକ ପଞ୍ଜିକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ



ପାଟଣାଗଡ଼, (ନିପ୍ର) : ପାଟଣାଗଡ଼ କୃଷି ବିଭାଗ କାର୍ଯ୍ୟାଳୟଠାରେ ମୋ ସେବାକେନ୍ଦ୍ର, ବଲାଙ୍ଗିରର ସହାୟତାରେ କୃଷକ ପଞ୍ଜିକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାରେ ବଲାଙ୍ଗିର ଜିଲ୍ଲା ମୋ ସେବାକେନ୍ଦ୍ରର ସଂଯୋଜକ କ୍ରିଷ୍ଣା କୁଅଁର, ପାଟଣାଗଡ଼ ମୋ ସେବାକେନ୍ଦ୍ରର ସହାୟିକା ନୀଳକାନ୍ତି ଭୋଇ, ଶ୍ରୀମତ ପଟେଲ, କୃଷି ଅଧିକାରୀ ହରେକୃଷ୍ଣ ପଣ୍ଡା, ଗ୍ରାମ୍ୟ କୃଷି ଅଧିକାରୀ କଳ୍ପନା ସାହୁ, କନକଲତା ପୁଟା ପ୍ରମୁଖ ଉପସ୍ଥିତ ଥିଲେ । କୃଷକ ତଥା ଚାଷୀମାନେ ପଞ୍ଜିକରଣ କଲେ କୃଷକମାନଙ୍କ କ'ଣ ଉପକାରିତା ହେବ, କୃଷକମାନେ କ'ଣ ଲାଭ ପାଇଁ ପାରିବେ, ସେନେଇ କୃଷି ଅଧିକାରୀ ଶ୍ରୀ ପଣ୍ଡା ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିବା ବେଳେ ସରକାର ଚାଷୀମାନଙ୍କୁ ଦେଉଥିବା ସରକାରୀ ସୁବିଧା ଫାଇଦା ଉଠାଇବାକୁ ପରାମର୍ଶ ଦିଆଯାଇଥିଲା । ଏଥିରେ ଶତାଧିକ ଚାଷୀ ଓ କୃଷି ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଛତ୍ରପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସେମିନାର ଅନୁଷ୍ଠିତ



ବ୍ରହ୍ମପୁର, (ନିପ୍ର) : ଛତ୍ରପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁସାରେ ମୋ କଲେଜ ଅଭିଯାନ ଆନୁକୂଲ୍ୟରେ ଏକ ସେମିନାର ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଅବଦାନ ଏବଂ ମହାତ୍ମା ଗାନ୍ଧୀଙ୍କ ପ୍ରଭାବ ବିଷୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା ଯୋଗଦେଇ ପ୍ରତିଯୋଗୀ ଓ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ସଭାରେ ଯୁକ୍ତ ତିନି ଶେଷ ବର୍ଷର ବିଶ୍ୱବିଦ୍ୟାଳୟସ୍ତରରେ ହୋଇଥିବା ପରୀକ୍ଷାରେ ଶିକ୍ଷା ବିଭାଗରେ ଷଷ୍ଠ ସ୍ଥାନ ପାଇଥିବା ଲାଲିମା ସାହୁ, ଇତିହାସ ବିଭାଗରେ ୫ମ ସ୍ଥାନ ପାଇଥିବା ମନୀଷା ସାହୁ, ଗୃହ ବିଜ୍ଞାନ ବିଭାଗରେ ପଂଚମ ଓ ଷଷ୍ଠ ସ୍ଥାନ ପାଇଥିବା ମୀନତି ନାୟକ ଓ ସୋନାଲି ସାହୁଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସୁମିତା ମିଶ୍ର ଅଧ୍ୟକ୍ଷତାରେ ସେମିନାର ପରିଚାଳିତ ହୋଇଥିଲା ।

ଅଧ୍ୟାପିକା କବିତା ସାହୁ, ଡ. ଯାଜ୍ଞସେନୀ ପାଣିଗ୍ରାହୀ, ଦୀପ୍ତି ନନ୍ଦ, ଅଞ୍ଜଳି ସେଠୀ, ସୁଜାତା କୁମାରୀ ବେହେରା ଏବଂ କର୍ମଚାରୀ ସନ୍ତୋଷ ବିଷୋୟୀ, ଗୀତାଞ୍ଜଳି ସାମନ୍ତରାୟ, ଏନ୍. ଜନାର୍ଦ୍ଦନ ରେଡ୍ଡୀ ଓ ପି. ନାଗମ୍ମା ସହଯୋଗ କରିଥିଲେ । ଏଥିରେ ଏନ୍. ସିମରନ୍ ଆଚାରୀ, ଅନୁସୂୟା ସେଠୀ, ସୋନାଲିକା ପଟ୍ଟନାୟକ, ପୂଜା ନାୟକ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ ।

# ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ




ପଦ୍ମପୁର, (ନିପ୍ର) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଦ୍ମପୁର ସଂକୁଳର ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଆଜି ସଭାପତି ପୃଥ୍ୱିରାଜ ସାହୁ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଉପସ୍ଥିତ ଶିଶୁମାନଙ୍କୁ ବୈଜ୍ଞାନିକ ଚିନ୍ତାଧାରା ପାଇଁ ପ୍ରେରଣା ଯୋଗାଇ ଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୋପବନ୍ଧୁ ଗୁରୁଜୀ ସଂଯୋଜନା କରିଥିବା ବେଳେ ଦ୍ୱାଦଶ କୁମାର ପ୍ରଧାନ ସଂକୁଳ ପ୍ରମୁଖ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବିଜ୍ଞାନ ପ୍ରମୁଖ ମମତା ଗୁରୁମା' କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିବା ବେଳେ ଚୈତନ୍ୟ ଗୁରୁଜୀ ବ୍ୟବସ୍ଥା ସୂଚନା ଦେଇଥିଲେ । ଉକ୍ତ ଜ୍ଞାନ ବିଜ୍ଞାନ ମେଳାରେ ସଂକୁଳରୁ ୧୮୮ ଜଣ ପ୍ରତିଭାଗୀ ପ୍ରକଳ୍ପ ପ୍ରଦର୍ଶନ, ପ୍ରଶ୍ନ ମଂଚ, ପ୍ରୟୋଗ, ପତ୍ରବାଚନ ଓ ନିବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଉଦ୍‌ଘାଟନୀ ଦିବସରେ କିଶୋର ବର୍ଗର ବିଭିନ୍ନ ପ୍ରଶ୍ନ ମଂଚ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ୧୭ ଜଣ ପରିଚାଳନା କରିଥିଲେ । ଶେଷରେ ଜନକ ଲାଲ୍ ମେହେର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥଲେ । ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ଇମ୍ପେରିୟଲ କଲେଜର ପ୍ରତିଷ୍ଠା ଦିବସ ପାଳିତ



ବରଗଡ, (ନିପ୍ର) : ଇମ୍ପେରିୟଲ କଲେଜର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ୨୦୦୮ରେ ଆରମ୍ଭ ହୋଇଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏହି ପ୍ରଥମ ସେଲଫ୍ ଫାଇନାନ୍ସ ଡିଗ୍ରୀ ମହାବିଦ୍ୟାଳୟ ୧୪ ବର୍ଷ ସଂପୂର୍ଣ୍ଣ କରିଛି । ଏହି ଅବସରରେ କଲେଜ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଲେଜର ଗୌରବମୟ ଯାତ୍ରା ବିଷୟରେ ଚେୟାରମେନ ଦୀପକ ଗୋୟଲ ବିଶଦ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ ଓ ଅଧ୍ୟାପିକା ଝରଣା ଦାଶଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜରେ କାମ କରୁଥିବା ସମସ୍ତ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଆଗାମୀ ଦିନରେ ଏହାକୁ ଏକ ଅଗ୍ରଣୀ କଲେଜରେ ଗଢ଼ି ତୋଳିବା ପାଇଁ ୧୫ ସୂତ୍ରୀ କାର୍ଯ୍ୟକ୍ରମ ଚେୟାରମେନ ଶ୍ରୀ ଗୋୟଲ ଘୋଷଣା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

# ପୂର୍ବତନ ରାଜ୍ୟସଭା ସାଂସଦ ସ୍ୱର୍ଗତ କମ୍ରେଡ ଲକ୍ଷ୍ମଣ ମହାପାତ୍ରଙ୍କ ୩୯ତମ ଶ୍ରାଦ୍ଧ ଦିବସ ପାଳିତ



ବ୍ରହ୍ମପୁର, (ନିପ୍ର) : ପୂର୍ବତନ ରାଜ୍ୟସଭା ସାଂସଦ ତଥା ବରିଷ୍ଠ ସିପିଆଇ ନେତା ସ୍ୱର୍ଗତ କମ୍ରେଡ୍ ଲକ୍ଷ୍ମଣ ମହାପାତ୍ରଙ୍କ ୩୯ତମ ଶ୍ରାଦ୍ଧ ବାର୍ଷିକୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଛତ୍ରପୁର ଶାଖା ପକ୍ଷରୁ ପାଳିତ ହୋଇଯାଇଛି । ଶନିବାର ଛତ୍ରପୁର ସ୍ଥିତ ଲକ୍ଷ୍ମଣ ଭବନଠାରେ ସିପିଆଇ ନେତା ପ୍ରଫୁଲ୍ଲ କୁମାର ପାଣିଗ୍ରାହୀଙ୍କ ପୌରାହିତ୍ୟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସିପିଆଇ ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ସହ ସମ୍ପାଦକ ନୀଳକଣ୍ଠ ଦାସ, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, ବରିଷ୍ଠ ଆଇନଜିବୀ ଗୋକୁଳ ଚନ୍ଦ୍ର ପଣ୍ଡା, ଯୁବ ଆଇନଜୀବୀ ଡି. ଆଦି ନାରାୟଣ ରେଡ୍ଡୀ ଓ କୈଳାଶ ପଲାଇ, ସିପିଆଇ ଚମାଖଣ୍ଡି ଜୋନାଲ ସମ୍ପାଦକ ସି.ଏଚ୍. ଜନାର୍ଦ୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ୍ ସମ୍ପାଦକ ଏସ୍. କ୍ରିଷ୍ଣା ରେଡ୍ଡୀ, ଗଞ୍ଜାମ ଜୋନାଲ ସହ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ରଥ, ଶ୍ରମିକ ନେତା ଅଜୟ ମହାପାତ୍ର, ପୂର୍ବତନ ସରପଂଚ ସୀମାଂଚଳ ସାହୁ, ବରିଷ୍ଠ କମ୍ୟୁନିଷ୍ଟ ନେତା ରାଜୀବ ଲୋଚନ ପଣ୍ଡା, ଦର୍ଯ୍ୟୋଧନ ପରିଡା, ରାଜେନ୍ଦ୍ର ନାହାକ, କେ.ଦେବରାଜ ରେଡ୍ଡୀଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ମହାପାତ୍ରଙ୍କ ଫଟୋ ଚିତ୍ରରେ ଦଳୀୟ ନେତା ଓ କର୍ମୀମାନେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



# ଜିଲ୍ଲାରେ କ୍ରୀଡାର ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନର ସମନ୍ୱୟ ବୈଠକ

ସୁବର୍ଣ୍ଣପୁର, (ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲାରେ ତୃଣମୂଳ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡାର ବିକାଶ ସହ ଏହାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ପ୍ରଶାସନ ତରଫରୁ ଏକ ସମନ୍ୱୟ ବୈଠକ ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱ୍ୱଣେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ବିଭିନ୍ନ କ୍ରୀଡାର ପ୍ରଚାର ପ୍ରସାର ଓ ଲୋକାଭିମୁଖୀ ତଥା କ୍ରୀଡା ଏବଂ କ୍ରୀଡାବିତକୁ ଲକ୍ଷ୍ୟ ସ୍ଥଳରେ ପହଂଚାଇବା ଉଦ୍ଦେଶ୍ୟରେ ଆସନ୍ତା ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲା କ୍ରୀଡା ସପ୍ତାହ ଭାବେ ପାଳନ କରାଯିବ । ଏହାଦ୍ୱାରା ଜିଲ୍ଲାରେ ଥିବା କ୍ରୀଡା ଭିତ୍ତିଭୂମି କ୍ରୀଡାବିତ ଏବଂ ଲୁକ୍କାୟିତ କ୍ରୀଡା ପ୍ରତିଭାକୁ ଚିହ୍ନଟ କରାଯିବା ସହ କ୍ରୀଡାକୁ ଜିଲ୍ଲାରେ ପ୍ରୋତ୍ସାହିତ କରାଯାଇ ପାରିବ ବୋଲି ବୈଠକର ଅଧ୍ୟକ୍ଷା ତଥା ଜିଲ୍ଲାପାଳ ଶ୍ରୀମତୀ ନରୱ୍ୱଣେ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରି ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କ୍ରୀଡା ସମ୍ବନ୍ଧରେ ଆଲୋକପାତ କରିଥିଲେ ।

ଆସନ୍ତା ଅଗଷ୍ଟ ୨୯ରେ ଜିଲ୍ଲା ପ୍ରଶାସନ ତରଫରୁ ବିଶ୍ୱ କ୍ରୀଡା ଦିବସ ପାଳନ ଅନୁଷ୍ଠିତ ହେବ । ଏହା ପୂର୍ବରୁ ଜିଲ୍ଲାସ୍ତରରେ ବ୍ୟାଡମିଂଟନ, ଚେସ୍, ଟାଇକୋଣ୍ଡୋ, ମାରାଥନ, ଭାରୋତ୍ତଳନ ବ୍ୟାୟାମ, ମୁଷ୍ଟିଯୁଦ୍ଧ, ସନ୍ତରଣ, ଦୌଡ, କବାଡି, ଖୋକୋ ପ୍ରଭୃତି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ସମ୍ପୃକ୍ତ କ୍ରୀଡା ଅନୁଷ୍ଠାନ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜିତ ହେବ ।

ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀ/ଦଳିଙ୍କୁ ୩୦/୦୮/୨୦୨୨ରେ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହକି ଖେଳାଳି ତଥା ଭାରତର ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଡଃ ଦିଲିପ




ତିର୍କୀ ଯୋଗଦାନ କରି ଖେଳ ଓ ଖେଳାଳିଙ୍କୁ ଉଦ୍‌ବୋଧନ ଦେବା ସହ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବେ । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାସ (ରାଜସ୍ୱ), ଶ୍ରୀମତୀ ନିଶି ପୁନମ ମିଞ୍ଜ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଲକ୍ଷ୍ମଣ ଭୋଇ ଜିଲ୍ଲା ଶିକ୍ଷା ଅଧିକାରୀ ଯୋଗଦାନ କରିବା ବେଳେ ଜିଲ୍ଲାର ୫ଟି ବିଦ୍ୟାଳୟ ସମେତ ଅନ୍ୟ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଖେଳ ଶିକ୍ଷକ/ଶିକ୍ଷୟିତ୍ରୀ ସହିତ ଜିଲ୍ଲାର ବିଭିନ୍ନ କ୍ରିଡା ସଂଗଠନର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । କ୍ରୀଡା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କ୍ରୀଡାଗୁଡିକୁ ପୂର୍ଣ୍ଣ ସଫଳ କରିବା ସହିତ ପ୍ରତ୍ୟେକଟି କ୍ରୀଡାରେ ଜିଲ୍ଲାର ଅଧିକରୁ ଅଧିକ ପ୍ରତିଯୋଗୀ ଯେପରି ଅଂଶଗ୍ରହଣ କରିବେ ସେଥିପ୍ରତି ଆବଶ୍ୟକ ଯତ୍ନବାନ ହେବାକୁ ସମ୍ପୃକ୍ତ ଅଧିକାରୀ ତଥା କ୍ରୀଡା ସଂଗଠନ କର୍ମକର୍ତ୍ତାଙ୍କୁ ଜିଲ୍ଲାପାଳ ଶ୍ରୀମତୀ ନରୱ୍ୱଣେ ପରାମର୍ଶ ଦେଇଛନ୍ତି । ଇଚ୍ଛୁକ କ୍ରୀଡାବିତ ନିଜ ନିଜର ଯୋଗ୍ୟ ସ୍ତର ନିମନ୍ତେ କ୍ରୀଡା ସଂଗଠନର ମୁଖ୍ୟ ତଥା ବିଦ୍ୟାଳୟ ସ୍ତରରେ ନିଜ ନିଜର ଖେଳ ଶିକ୍ଷକଙ୍କ ମାଧ୍ୟମରେ ଅଂଶଗ୍ରହଣ କରିପାରିବେ । ବହୁ ସଂଖ୍ୟାରେ ଯୋଗଦାନ ଜିଲ୍ଲାର କ୍ରୀଡା ଓ କ୍ରୀଡାବିତକୁ ଆଗାମୀ ଦିନରେ ପ୍ରୋତ୍ସାହିତ କରିବେ ।

# ବିଦ୍ୟାଳୟ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) : ଅର୍ଜୁନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଓଡ଼ିଶା ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବିଷୟକୁ ନେଇ ବଲାଙ୍ଗିର ଜିଲ୍ଲା ହୋମିଓପାଥି ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ କୁମାର ସେଠିଙ୍କ ସହଯୋଗରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଯୋଗ ଶିକ୍ଷକ ସୁରଜ କୁମାର ବକୁଲ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ସେ କେଉଁ ଆସନ ଦ୍ୱାରା ଶରୀର କିପରି ବିଭିନ୍ନ ପ୍ରକାରର ରୋଗରୁ ରକ୍ଷା ପାଇ ହେବ ତାହା ଉପସ୍ଥାପନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ରଥଙ୍କ ସଭାପତିତ୍ୱରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ଶ୍ରୀମତୀ ଗୀତା ଜଗଦଲା, ସମ୍ମାନିତ ଅତିଥି ଭାବେ ଦେଓଗାଁ ବ୍ଲକ ଭାଇସ୍ ଚେୟାରମେନ ସୁଶ୍ରୀ ସୂର୍ଯ୍ୟକାନ୍ତି ଛତ୍ରିଆ, ଡ.ଗୋବିନ୍ଦ ଭୁଏ, ଡ.ଲକ୍ଷ୍ମୀପ୍ରିୟା ସେଠି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ



କରିଥିଲେ । ଡ. ସେଠି ଛାତ୍ରଛାତ୍ରୀମାନଙ୍କୁ କିପରି ବିଭିନ୍ନ ପ୍ରକାରର ରୋଗ ବିଷୟରେ ସଜାଗ ହେବେ ଓ ନିଜ ପରିବାର ତଥା ସମାଜକୁ ସୁସ୍ଥ ରଖିପାରିବେ ସେ ବିଷୟରେ ଅବଗତ କରାଇଥିଲେ । ଡ. ଗୋବିନ୍ଦ ଭୁଏ ପ୍ରକୃତିର ସମସ୍ତ ବୃକ୍ଷରେ ଔଷଧୀୟ ଗୁଣ ଥିବାର ବିଷୟରେ ଉପସ୍ଥାପନା କରିଥିଲେ । ଡିଙ୍ଗର ବେହେରା ଓ ବାଳଗୋପଲ ସିଂନିନା ଔଷଧ ବିତରଣରେ ସାହାଯ୍ୟ କରିଥିଲେ । ଡ. ଲକ୍ଷ୍ମୀପ୍ରିୟା ସେଠି ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ସ୍ତ୍ରୀ ରୋଗ ସମ୍ପର୍କରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଡିଙ୍ଗର ରାଉତ, ଅରବିନ୍ଦ ବାରିକ, ସୁମନ୍ତ ପରୁଆ, ଜିତେନ୍ଦ୍ର ନାଏକ, ତାପସ ବିଶ୍ୱାଳ, କରୁଣା ପଧାନ, ନେପାଳ ଡାଙ୍ଗ, ଗୁପ୍ତେଶ୍ୱର କୁଅଁର, ଜିତେନ୍ଦ୍ର ପଟେଲ, ଚମ୍ପୁଲାଲ ମୁନା, ମୃତ୍ୟୁଞ୍ଜୟ ଲୁହା ଓ ଶିକ୍ଷୟତ୍ରୀ ମଧୁସ୍ମିତା ସାହୁ ତଥା ଶିକ୍ଷା କର୍ମୀ ବିରେନ୍ଦ୍ର ନାଗ ଓ ପ୍ରବୀଣ କର୍ତ୍ତି ସହଯୋଗ କରିଥିଲେ । ପରିଶେଷରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅରବିନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୁଣା ପେନସନ୍ ଦାବୀ ନେଇ ଆନ୍ଦୋଳନ କରିବା ପାଇଁ ପ୍ରସ୍ତୁତି ବୈଠକ



ପାଟଣାଗଡ, (ନିପ୍ର) : ପାଟଣାଗଡ଼ ଉପଖଣ୍ଡସ୍ତରୀୟ ନୂତନ ପେନସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକମାନଙ୍କ ଏକ ବୈଠକ ସ୍ଥାନୀୟ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି । ୨୦୦୫ ପରବର୍ତ୍ତୀ ସମୟରେ ନିଯୁକ୍ତ ସମସ୍ତ କର୍ମଚାରୀଙ୍କ ପେନସନ୍ ଉଚ୍ଛେଦ କରିଛନ୍ତି । ଏହା ଫଳରେ ଚାକିରିରୁ ଅବସର ନେଉଥିବା ସମସ୍ତ କର୍ମଚାରୀଙ୍କ ଅବସ୍ଥା ଶୋଚନୀୟ ହୋଇପଡୁଛି । ପ୍ରାଥମିକ ଶିକ୍ଷକଙ୍କ ଅବସ୍ଥା ଆହୁରି ଦୁର୍ବିସହ ହୋଇପଡୁଛି । ବିଳମ୍ବରେ ଚାକିରିରେ ଯୋଗଦାନ ଓ ଛଅ ବର୍ଷ ଠିକା ନିଯୁକ୍ତିରେ ରହିଲା ପରେ ଅଳ୍ପ କେତେ ବର୍ଷରେ ଅବସର ନେଉଥିବା ଶିକ୍ଷକଙ୍କ ପେନସନ୍ ଅତି ନଗଣ୍ୟ । ଅଧିକାଂଶ କର୍ମଚାରୀ ଅବସରର ଅଳ୍ପ ଦିନ ମଧ୍ୟରେ ମାନସିକ ଦୁଶ୍ଚିନ୍ତାର ଶିକାର ହୋଇ ରୋଗଗ୍ରସ୍ତ ହୋଇ ପଡୁଛନ୍ତି । ତେଣୁ ପୁରୁଣା ପେନସନ୍‌କୁ ପୁନଃ ଲାଗୁ କରିବା ଅପରିହାର୍ଯ୍ୟ ହୋଇପଡିଛି ବୋଲି ଏହି ବୈଠକରେ ମତପ୍ରକାଶ ପାଇଥିଲା । ଲାଲଚନ ବଗର୍ତ୍ତୀ, ମଣି କୁମ୍ଭାର, ଯୁବରାଜ ବିଭାର, ଶୁଶିଲ ପୋଢ ତଥା ଦେବଦତ୍ତ ମେହେରଙ୍କ ଆବାହନରେ ଆଜିକାର ପ୍ରସ୍ତୁତି ବୈଠକ ବସିଥିଲା । ଅରୁଣ ତ୍ରିପାଠୀ, ଗୋବିନ୍ଦ ମେହେର, ଜୟଦେବ ସୁନା, ସବିତା ମହରା, ସାରଥୀ ବାଗ, ସୁମନ୍ତ ପୁରୋହିତ, ଗୋପୀନାଥ ସାହୁ, ଗୋପାଳ ନାଗ, ସଂଜୁବତୀ ନାଗ, ବିଘ୍ନରାଜ ପଧାନ, ସୁସାନ୍ତ ରାହା, ବୀରେନ୍ଦ୍ର ତାଣ୍ଡି, ସବ୍ୟସାଚୀ ବର୍ଗେ ତଥା ପାଟଣାଗଡ, ଖପ୍ରାଖୋଲ ଓ ବେଲପଡାରୁ ଅନେକ ଶିକ୍ଷକ ଯୋଗ ଦେଇ ନିଜର ମତାମତ ରଖିଥିଲେ । ଆଗାମୀ ଦିନରେ ଶିକ୍ଷକମାନଙ୍କ ଅଧିକାର ନିମନ୍ତେ ଅଧିକ ସଂଗଠିତ ହୋଇ ପ୍ରତି ବ୍ଲକ ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଥିଲା । ଶେଷରେ ବିରଂଚି ମହଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ ପୌର ପରିଷଦ ପକ୍ଷରୁ ସାମୁହିକ ସଫେଇ ଅଭିଯାନ

ବରଗଡ଼, (ନିପ୍ର) : ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ବରଗଡ଼ ପୌର ପରିଷଦ ପକ୍ଷରୁ ସପ୍ତାହ ବ୍ୟାପୀ ସାମୁହିକ ସଫେଇ ଅଭିଯାନ ଶୁଭାରମ୍ଭ ହୋଇଯାଇଛି । ଏହି ଅଭିଯାନ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ଉଦ୍‌ଘାଟନ କରି



ସଫେଇ କରି ଆରମ୍ଭ କରିଥିଲେ । ଏହି ଅବସରରେ ପୌର ପରିଷଦର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ଓ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ ।

# ପାଇକମାଲ ବ୍ଲକସ୍ତରୀୟ ସଂସ୍କୃତ ଦିବସ ପାଳିତ

ପଦ୍ମପୁର, (ନିପ୍ର) : ପାଇକମାଲ ବ୍ଲକସ୍ତରୀୟ ସଂସ୍କୃତ ଦିବସ ମହର୍ଷି ଦୟାନନ୍ଦ ଗୁରୁକୂଳ ଯୋଗାଶ୍ରମ ନୃସିଂହନାଥ, ପାଇକମାଲଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବରଗଡ଼ ଜିଲ୍ଲା ସଭାପତି ସୁରେଶ ଚନ୍ଦ୍ର ଚୌହାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟ ସଂସ୍କୃତ ଶିକ୍ଷକ ସଂଘ ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ବିଶିଷ୍ଟ ଅତିଥି ଭାବେ ଶାରଦା ବେଦାଲଙ୍କାର, ମୁଖ୍ୟ ବକ୍ତା ଭାବେ ପ୍ରେମାନନ୍ଦ ବାରିକ ଯୋଗଦାନ କରି ସଂସ୍କୃତ ଭାଷାର ମହନୀୟତା ତଥା ଯୁଗୋପଯୋଗୀତା ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ପାଇକମାଲ ବ୍ଲକ ସଭାପତି ରମାଇ ଚରଣ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆଶ୍ରମର ଅନ୍ତେବାସୀମାନେ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ଲିଙ୍ଗରାଜ ସାହୁ ମଂଚ ପରିଚାଳନା କରିଥିଲେ । ଅବସର ନେଇଥିବା ସୁନ୍ଦରମଣି ସାହୁ ଓ ଅପର୍ଣ୍ଣା ସାହୁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ତଥା ନୂତନ ଭାବେ ଯୋଗଦାନ କରିଥିବା ଚନ୍ଦନ ବିଶ୍ୱାଳ, ଆନନ୍ଦିନୀ ସେଠ, କଳ୍ପନା ସାହୁ ପ୍ରମୁଖଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ପ୍ରମୋଦ ପ୍ରଧାନ, ସନ୍ତୋଷ ପଣ୍ଡା, ଲୋକନାଥ ପ୍ରଧାନ, ନରସିଂହ ପ୍ରଧାନ, ଅନିତା ପାଣିଗ୍ରାହୀ, ମାନଭଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ବ୍ଲକ ସମ୍ପାଦକ ଅଶ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଉତ୍ସବରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।



# ତୁଳସୀନଗର ଦୁର୍ଗାପୂଜା କମିଟି ପୁନଃ ଗଠିତ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସହର ତୁଳସୀନଗରପଡା ଦୁର୍ଗାପୂଜା କମିଟି ବୈଠକ ସଭାପତି କିଶୋର କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ୧୪ତମ ଦୁର୍ଗାପୂଜାକୁ ମହାସମାରୋହରେ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ନିର୍ମାଣାଧିନ ଦୁର୍ଗାମଣ୍ଡପରେ ଏପର୍ଯ୍ୟନ୍ତ ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଥିବା ସୂଚନା ଦିଆଯାଇଥିଲା । ଦୁର୍ଗାମଣ୍ଡପର ଅଧୁରା କାର୍ଯ୍ୟ କିପରି ଶୀଘ୍ର ସମାପ୍ତ ହେବ ସେନେଇ ଆଲୋଚନା ହୋଇଥିଲା । ଏ ଦିଗରେ ସମସ୍ତ ସଦସ୍ୟ ଆନ୍ତରିକ ସହଯୋଗ କରିବା ସହ ସୁଚିନ୍ତିତ ମତାମତ ଦେବାକୁ ଅନୁରୋଧ କରାଯାଇଥିଲା । ଚଳିତ ଦୁର୍ଗାପୂଜା ତିନିଦିନାତ୍ମକ ପୂଜା କରିବାକୁ ନିଷ୍ପତ୍ତି ହୋଇଥିଲା ।

କୋଭିଡ ସଂକ୍ରମଣ ଭୟ ଲାଗି ରହିଥିବାରୁ ପୂଜା ସମୟରେ ସଚେତନ ରହିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା । ଏ ଦିଗରେ କମିଟି ପକ୍ଷରୁ ଉଚିତ୍ ବ୍ୟବସ୍ଥା କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା । ଏହି ଅବସରରେ ଦୁର୍ଗାପୂଜା କମିଟିକୁ ପୂର୍ନଗଠନ କରାଯାଇଥିଲା । ସଭାପତି



ଭାବେ କିଶୋର କୁମାର ରଥ ଏବଂ ସମ୍ପାଦକ ଭାବେ ସୁନୀଲ କୁମାର ମହାନ୍ତିଙ୍କୁ ପୁନଃ ଦାୟିତ୍ୱ ଅର୍ପଣ କରାଯାଇଥିଲା । କମିଟିରେ ନୀଳାଦ୍ରୀ ବିହାରୀ ସିଂ ଓ ଚକ୍ରପାଣି ରଣା ଉପସଭାପତି, ଆଲୋକ ପାଣିଗ୍ରାହୀ ଓ ଗୋବିନ୍ଦ ବହିଦାର ସହସମ୍ପାଦକ, ନାରାୟଣ ମିଶ୍ର କୋଷାଧ୍ୟକ୍ଷ ଏବଂ ଅଜୟ ମହାପାତ୍ର ସହକୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ଏହା ସହ ୧୫ ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଛି । ଏଥିରେ ବରିଷ୍ଠ ସଦସ୍ୟମାନଙ୍କୁ ରଖାଯାଇଛି । ଅଡିଟର ଭାବେ ଡ. ମହେଶ ପଟ୍ଟନାୟକ ଏବଂ ଇନ୍ଦ୍ରମଣି ରଥଙ୍କୁ ଦାୟିତ୍ୱ ଦିଆଯାଇଛି । ବୈଠକରେ ପୂର୍ବତନ ଏସ୍‌ପି ବିବେକ ରଥ, ଡ. ବିପିନ ବିହାରୀ ମିଶ୍ର, ସୁରେନ୍ଦ୍ର ନେଗୀ, ଭଗବାନ ବଗର୍ତ୍ତୀ, ରଞ୍ଜିତ ମହାନ୍ତି, ସତ୍ୟ ସିଂ, ଆନନ୍ଦ ଖୁଆସ, ବିଭୂତି ଶଙ୍କର ବିନ୍ଧଣୀ, ସଞ୍ଜୟ ମିଶ୍ର, ବନମାଳୀ ବାଗ, କାଉନସିଲର ଗଙ୍ଗାଧର ଚାନ୍ଦ, ସୁଶାନ୍ତ ସିଂ, ସୁଶାନ୍ତ ସୁତାର, କବିରାଜ ଭୋଇ, ବାଲାଜୀ ପଣ୍ଡା, ସତ୍ୟନାରାୟଣ ରଥ, ପ୍ରହଲ୍ଲାଦ ଭୋଇ, ନୀଳ ସେଠ୍, ନିଶିକାନ୍ତ କୁମ୍ଭାର, ସଞ୍ଜୀବ ବେହେରା, କାହ୍ନୁ ସାହୁ, ବାଂଛା ସେଠ, ପ୍ରଫୁଲ୍ଲ ମେହେର, ସୁରେନ୍ଦ୍ର ଅଶ୍ୱପାଳ, ସୁଦାମ ସାହୁ ହରେକୃଷ୍ଣ ଆଡ ଯୁଏଡ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ବରିଷ୍ଠ ସଦସ୍ୟ ରାଧେଶ୍ୟାମ ମିଶ୍ର ଧନ୍ୟବାଦ ଦେଇଥିଲେ ।

**ବର୍ଷା କେ ନେଇକରି ଭିନେ ଭିନେ କବିର ଭିନେ ଭିନେ ଭାବ୍ ଅନୁଭବ୍ କରିହେସି । ଇ' ଫରଦ୍ ଥି ଆଏଜ୍ ଚାଏର୍ ଜନ୍ ଉଭ୍ରି ଆସୁଥିବାର୍ କବିଙ୍କର୍ ବର୍ଷା କେ ନେଇ ରହିଥିବାର୍ ଭାବ୍ କେ ଆସୁନ୍ ଠଅଁକାମା ।**

# ବର୍ଷା ଲାଗି ବର୍ଷା କବିତା

## ଗଣେଶ ବାରିକ୍

ବର୍ଷା ବି ଭିଜୁଥିବା ବର୍ଷାଥି
ବର୍ଷା ବି ଇର୍ଷା କରୁଥିବା ଘାଏ ଘାଏ ବର୍ଷାକେ
ମତେ ସେ ଦିନ ବର୍ଷା ଡାକିଥିଲା ବର୍ଷାନେ ଭିଜବାର୍ ଲାଗି
ହେଲେ ମୁଇଁ ଖୋବ୍ ଡର୍‌ହା ଥିନି
ବର୍ଷାର ସାଙ୍ଗେ ବର୍ଷାଥି ଭିଜବାର ଲାଗି...

ବର୍ଷାର ସାଙ୍ଗେ ବର୍ଷାଥି ଭିଜବାର୍ ଲାଗି
କାହାର ମନ୍ ନାଇଁନ' କହତ ?
ହେଲେ ବର୍ଷା ଖାଲି ମୋର୍ ସାଙ୍ଗେ ବର୍ଷାରେ ଭିଜବା
ମୋର୍ ନେ ଏନ୍ତା କାଣା ଅଛେ ଯେ'
ବର୍ଷା ମୋର୍ ସାଙ୍ଗେ ଖାଲି ବର୍ଷାଥି ଭିଜବା କେ ମନ କରସି
ମୁଇଁ ଆଏଜ ତକ ନୁହେ ଜାନେ
ଫେରବି ବଡା ଜିଦଖୋର୍ ଆଏ ସେ
ନି'ମାନେ ଜର୍ ତପ୍ କେ, ଖାସିଁ ଲେସମ୍ କେ
ଆଏଜ୍ ଭିଜମି ବଏଲା ବେଲେ ଭିଜବା ଏକା ଭିଜବା
ଆରୁ ମତେ ବି ଭିଜାବା !



ଇଟା ସେ ବର୍ଷା ଯେନ୍ ବର୍ଷାର ଲାଗି ମତେ
ଜାନି ଜାନି ପାସରିବା କେ ହେସି ବର୍ଷାତି
ଭୁଲିବାକେ ହେସି ଛତା
ଲୁକାବାକେ ହେସି କଲେଜ ବହି ଖାତା !

ବର୍ଷାନେ ବର୍ଷା ଆର୍ ମୁଇଁ ପୁରା ଭିଜି ଯାଏସୁଁ
ଉଦା ସର୍ ସର୍ ହେଇ ଯାଏସି ଆମର ଦିହେଁ
ମୁଇଁ ଜାଡେଁ ସେକଁରେଇ କରି ଲୁକି ଆଏଲେ ବି
ବର୍ଷା ଘିଚି ନେଇଁ ନେଇଁ ବର୍ଷାଥି ଭିଜାସି
ତାର୍ ଇ ଭୁରକୁଟି ଦେଖିକରି
ତାର୍ ସାଙ୍ଗ ମାନେ ତାକେ ଯେତେ ବି ଖିଜାଲେ ନି'ଖିଜେ
ତାର୍ ବେନି ଘିଚି ଦେଲେ ବି ଆଉଚ୍ କହି ହଁସି ଦେସି
ନୁହେତ ଷ୍ଟୁପିଟ୍ କହି ସେନୁ ପଲାସି !

ଯେନ୍ ବର୍ଷା ଦିନେ ମତେ
ପ୍ରେମର ବର୍ଷାଥି ଭିଜାବରଟା ଶିଖେଇଥିଲା
ଆଏଜ୍ ସେ ବର୍ଷା, ମୋର୍ ସାଙ୍ଗେ ବର୍ଷାଥି ନି'ଭିଜବାର୍
ମୁଇଁ ଇନେ ସୋଜ୍ ବର୍ଷାକେ ସୋର୍ କରି ବର୍ଷାଥି ଭିଜୁଛେଁ..
ଆର୍ ମୋର୍ ଛାତି ଭିତରେ ହେଇ ଯେଇଛେ ଝକେର !

ବର୍ଷା ଇହାଚ୍ଚିନ୍ କାଣା କରୁଥୁବା ବର୍ଷାଥି
ମୋର୍ ବାଗିର୍ ବର୍ଷାଥି ଭିଜୁଥିବା କାଏଁ ବର୍ଷା
କି କିଏ ଆକଟ୍ କରିଥିବା ତାକେ ଇ ଝକେର୍ ଥି
କି ଘରୁ ବାହାରିବା ର ଲାଗି କିଏ କରିଥିବା କାଏଁ ମନା
ବର୍ଷା ଭୁଲିବି ଯିବାନ ଦିନେ ବର୍ଷାଥି ମୋର୍ ସାଙ୍ଗେ ଭିଜୁଥିଲା ବଲି
ଏକା ସାଙ୍ଗେ କ୍ୟାଫଟେରିଆରେ କଫି ପିଇ 'ଥିଲା ବଲି !

ବର୍ଷା ! ଆଏଜ୍ ଦେଖ ମୁଇଁ ବର୍ଷାଥି ଭିଜୁଛେଁ
ତମେ ଯେନ ଥ, ଇ'ଦୁନିଆର ଯେନ କନେ ବି ଲୁକିଛ ଲୁକିଥ
ବଡା ଉଦୁରମାତ୍ ହେଉଛେ ଆଜିର୍ କଲା ଟର୍ ଟର୍ ମେଘ
ବିଜଲି ଗରଜନଥି କପିଁ ଯଉଛେ ଧରତି
ବେଙ୍ଗ ମାନକର ଅରଦଲି,ମାଏଟ୍ ମାଁର ଶୋଷ୍
ରଦ୍ ରଦି ଖରା ଥି ଭେଦି ହେଲା ଦିହେଁ ସବେ ଶାନ୍ତ୍
ମୁଇଁ ଖାଲି ଭିଜି ଭିଜି ଜଲୁଛେଁ
ମୋର୍ ଭିତରେ ବାହାରେ ସବୁ ଆଡେ ଖାଲି ବର୍ଷା
ବର୍ଷା ଆର୍ ବର୍ଷା ।

ଫି' ବଛର ବାଗିର୍ ଇ' ବର୍ଷ ବି ବର୍ଷା ଆସିଛେ
ବର୍ଷା ମୋର୍ ସାଙ୍ଗେ ନାଇଁନ ଯେ' କାଏଁ ହେଲା
ବର୍ଷା ତ' ମୋର୍ ସାଙ୍ଗେ ଅଛେ !

**ରିନ୍‌ବଚନ୍, ବଲାଙ୍ଗିର**
**ମୋ. :୯୬୫୮୨୨୮୯୪୭**



# ବାଲକୋନି ଥି ବର୍ଷା ଦାସ୍

## ପୁସ୍ତମ୍ ଯୁଆଡି

ମୋର୍ ଝର୍‌କାର୍ ରେଲିଂ ନୁ
ବର୍ଷା ଦାସର୍ ବାଲକୋନି
ଖୋବ୍ ଫଟିକ୍ ଦିଶସି
ଯେଭେଁ ଯେଭେଁ ସେ
ବାଲକୋନିକେ ଆଏସି
ବାଲକୋନି ସାରା
ଅଦିନିଆ ଫୁଲ୍ ଫୁଟସି !!

ଏବେ ଅଷାଢ଼ର୍ ଦୁତିଆ ଲଗନ ହେଲା
ଖେତେଁ ଡୁଏ ପାଏନ୍ ନାଇଁ
ବର୍‌ଛା ଆଁଟେ ପଁଡ଼କା ଚର୍‌ଲେନ'
ଫେର୍ ବି
ବର୍ଷାର ବୁନ୍ଦା ନାଇଁ କି
ବର୍ଷା ଦାସ୍'ର ଦେଖା ନାଇଁ !!

ବର୍ଷା ଦାସ ଉଆଁସ ରାତିର୍ ଚମ୍‌କିଲା ତରା
ଶୀତ ସକାଲର୍ କଅଁଲି ଖରା
ବର୍ଷା ଦାସ ଅଙ୍ଗ୍ ନଦୀର ଖଲ୍‌ଖଲ୍ ଧାର୍
ଉଆଁରା ମାଟିର ନଂଗଲ୍ ଗାର୍ ।

ବର୍ଷା ଦାସ୍ କିଛି ବି ନାଇଁ ସେ
ବର୍ଷା ଦାସ୍ ସବୁ କିଛି ଆଏ ।

ବର୍ଷା ଦାସ ପହଁତିଆ ଘଡିର ସପନ୍
ସୁନ୍ଦରୀ ମୁହଁର ଗୁଟା ଦର୍ପନ



**ଭୁତିବାହାଲ,ଗାଇସିଲାଟ,ବରଗଡ଼**
**ମୋ-୬୩୭୧୪୧୯୩୩୪**

ବର୍ଷା ଦାସ ଜଙ୍ଗଲୀ ଫୁଲର ମହକନ୍
ଧଙ୍ଗରା ଛାତିର ଧଡ଼କନ୍ ।

ବର୍ଷା ଦାସ୍'କେ ଦେଖୁଥିତିଁ ଏକେସ୍‌କଁଟି
ଲାଗି ଗଲେ ଲାଗି ଯାଏତା ଦଫା
ତାର୍ ଭାବ୍ ଜହଲେଁ କଏଦ୍ ହେଇ
ରହି ଯାଏତିଁ ଜୀବନ୍ ସାରା ।

ବର୍ଷା ଦାସ୍ ଶେଷ୍ ଖେପି ଆସିଥିଲା
ଜୁନ୍ ଖରାଥି
ମନେ ତାର୍ ମଉନ୍ ପନ୍
ଆକାଶେଁ ମେଘ ନି ଥାଇ
ମାତର୍ ଅଛରା ଅଛରା ବର୍ଷାଥି
ଭିଜିଥିଲା ବର୍ଷା ଦାସ୍
ବାଲକୋନି ସାରା ବର୍ଷା
ଗୁଟା ବାଲକୋନି ବର୍ଷା ଦାସ୍
ରେଲିଂ ବାଟୁଁ ଅଛ୍‌ରେ ବର୍ଷାର ଚିଟା ଥିଁ
ଭାଙ୍ଗିଥିଲା ମୋର୍ ମଉନତା !

ବର୍ଷା ଦାସ୍...
ଓଃ ବର୍ଷା ଦାସ୍ !!

# ବର୍ଷା ଆବାହନୀ

## ଦିଲ୍ଲୀପ କୁମାର ସରାପ

ମୁଇଁ ସେ ଭଙ୍ଗା ପାହାଡ଼ ଉପ୍‌ରେ
ଖୋବ୍ ଦିନୁ ବସିଛେଁ
ଉଦାସ ମନେ,
ଖୁକ୍‌ଲା ଦିହେ ବିନ୍ ବଏଶାଖେ ବି
ସିଝି ସିଝି ହେଇଯାଉଛେଁ ମସ୍‌ମସା ।

ତନ୍ ମନ୍ ହୁରୁଦ୍ ଗାଗର୍
ବିରହର ଜୁଏଥି ଜଲୁଛେଁ କେତେବେଲୁଁ
ଖରାର୍ ଝାଂଜେ ଡାଓ ଡାଓ
ପାହାଡର୍ ହରେକ୍ ପଖନ୍
ବର୍ଷାର ଅଛରାକେ ଝୁରି ଝୁରି
ବଢୁଛେ ଛାତିର୍ ଜଲନ୍

ହେଲେ କିଏ ବୁଝୁଛେ ଇ ଅସହନୀ ଦରଦ୍
କିଏ ଘାଏ କାଏଁ ଆହା କରୁଛେ
ତମର୍ ଦୁଖେ ମୁଇଁ ବି ଦୁଖୀ ବଲି
ଫୁଟି କରି କିଏ ଅପନେଇ ପାରୁଛେ ?

ତମେ ହେଲେ ଘାଏ
ମେଘ ହେଇ ଆସ
ବର୍ଷା ହେଇ ବର୍ଷି ଯ'
ଦର୍‌ଲୋ ଦର୍‌ଲୋ ନାଇଁ ବର୍ଷିଲେ ବି
ଛମ୍ ଛମ୍ ପାଏଝଲ୍ ସୁରେ
ଝିପ୍ ଝିପ୍ ବର୍ଷୁଥ' ।



ତମେ ଘାଏ ବର୍ଷି ଦିଅ ତ'
ଉଦା ହେଉ ମାଏଟ୍
ଭିଜୁ ଗାଁ ଖୁଇଲ୍
ସାଗୁଆ ହଉ ଗୁଟା ପୁରଥୀ
ମଲା ନଦୀ ବୁହିଯଉ
ଖଲ୍‌ଖଲା ଢେଲ୍ ଅମୃତ ଧାର୍ ।

**ମୋ.ନଂ. : ୭୩୭୭୦୩୭୮୪୦**

# ବରଷା କେଭେଁ ଗୀତ୍'ଟେ



## ବଲ୍ଲବ ସାହୁ

କଲାହାଁଡ଼ିଆ ମେଘ
ଏକଲୁହୁଁଟି ଭଂଡ଼ାର କନୁ
ଉତାନ୍ ହେଇ ରଝୋ ରଝୋ
ବର୍ଷୁଛେ ଯେ ବର୍ଷୁଛେ
ସତେ ଜେନତା ମେଘ ଫାଟିଛେ
ଖେତ୍ ଖଲା ଗାଁ ଗଁଡା ଧର୍‌ସା ବି
ନାଇଁ ଦିଶୁଛେ
ଉଲଛେନ୍ ଧାର ଫୁକି ଧରୁଥାଏ
ଛାଡ଼ବାର୍ ନା ନାଇଁ ଝକେର୍ !

ଖରା ତପତ୍ ନୁ
ଶୀତଲ ହଉଥାଏ ମାଏଟ୍
ଝୁର୍‌ମୁରେଇ ଯାଇଥିବାର୍
ଗଛ ପତର୍
ଆତୁର୍ ହେଇ
ତ୍ରାହି ତ୍ରାହି ଡାକୁଥିବାର
ସଚରାଚର ଜୀବଜଁତୁ
କୁରୁତ୍ କୁରୁତ୍ ହେଇ
ଧଏନ୍‌ପଦ କହୁଥାନ୍
ଇନ୍ଦର ରଜାକେ..... !

ବେଙ୍ଗ୍‌ମାନେ ହୁଲାହୁଲି ଦେଇ
ଜାହିର୍ କରୁଥାନ୍
ତାକର ମନ୍ ଭିତର ହସିଁ କେ
ଚଷା ପିଲାର୍ ମନ୍
କୁରଲି ଯଉଥାଏ

ଇ ଖେପି ପୁଷ୍‌ବା ଜରୁର୍
ତାର୍ କୁଟୁମ ପିଲା
ଅମ୍‌ରୁତ୍ ଧାରେ କଲସି ପୁର୍‌ବା
ଉଲିଆ ଭର୍‌ବା
ପରସିଦେବା ଅରନ୍ ।

ପୁଡି ଗଲା ମନ୍ ମାନେ
ଆଖଲ୍ ଧାରେ
ଗାଇ ପକଉଥା'ନ୍
'ମେରେ ନେନା....ସାବନ୍ ଭାଦୋ...'
ତ ଆର୍ କିଏ
ଦୁରିଆ ରହୁଥିବାର୍ ପ୍ରେମ କେ
ପାଏବାର୍ କେ ଆଶ୍ ରଖି
ଗାଇ ପକଉଥାଏ
ଆର୍ କେତେନି କେତେ ଗୀତ୍ ।

ଶରାବନର୍ ଏତେ ଗୀତ୍...
ଏତେ ଦୁଖା କେ କବିର୍ କଲମ୍
ଲେଖି ଦେବାର୍‌କେ
ଅସମର୍ଥ ହଉଥାଏ
ରାଏତ ଗାଢ଼ ହଉଥାଏ...
ତଥାପି ନାଇଁ ଅଟକି କବିର୍ କଲମ୍,
ଯାହିଁ ଦେଖ' ଭୁଗା ଭୁଗା ସପନ୍ ।

ଟୁପା ଟୁପା ଆଶ୍ ପିକଉଥାଏ
ଚାଂଗା ହେଇ ବୃଶାଲ୍ ହଉଥାଏ
ତନ୍ ମନ୍
ଉହୁଲେଇ ଦେବା ଇ ଧାରେ ଯେତେ
ଦୁଖ୍ ଦରଦ୍
ଉସାସ ହେଇ ଯିବା ଘଡ଼େ
ଇ'ସମିଆ ଟା କାଣା
ସବୁବେଲେ ଆଏସି !

କିଏ ଜାନେ କାଏଲ୍
କାଣା ବି ହେଇପାରେ
ହସୁଁଥିଲା ମନ୍ ଫେର୍ କାନ୍ଦିପାରେ
ଶୀତଲ୍ ଧାର୍ ତପତ୍ ହେଇପାରେ
ମିଠା ପାଏନ୍ ନୁନିଆ ଲାଗିପାରେ
ମନ୍ ଭରି ଭିଜି ପକେଇଥା'
ସୁଖର୍ ଅଛରା ଥି... !!

**ଡାଙ୍ଗବାହାଲ, ଗାଇସିଲେଟ, ବରଗଡ଼**

# ଜାବ ଓ ସୋଢ଼ା ଗ୍ରାମ୍ୟ କମିଟି ପକ୍ଷରୁ ସୋଢ଼ା ଗ୍ରାମରେ ସାମାଜିକ ବନୀକରଣ



ପଦ୍ମପୁର, (ନିପ୍ର) : ପାଇକମାଲ ବ୍ଲକ୍ ଅନ୍ତର୍ଗତ ଟେମେରି ଗ୍ରାମ ପଂଚାୟତର ସୋଢ଼ା ଗ୍ରାମରେ ଜର୍ନାଲିଷ୍ଟ ଏସୋସିଏସନ୍ ଅଫ୍ ବରଗଡ (ଜାବ) ଓ ଗ୍ରାମ୍ୟ କମିଟିର ମିଳିତ ଉଦ୍ୟମରେ ସାମାଜିକ ବନୀକରଣ ଅନୁଷ୍ଠିତ ହୋଇଥିଲା ।

ଜାବ ସଭାପତି ରବି ନାରାୟଣ ପଣ୍ଡାଙ୍କ ସଭାପତିତ୍ୱ ତଥା ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପୂର୍ବତନ ଆବାହକ ତଥା ଟେମରୀ ସରପଂଚ ଦୀଲିପ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ନିଆରା କାର୍ଯ୍ୟକ୍ରମ ଘରଟିଏକୁ ଗଛ ଟିଏ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ପ୍ରତ୍ୟେକ ଘରେ ଜଣେ ଲେଖାଏଁ ଲୋକ ଆସି ତାଙ୍କ ପିତୃ ପୁରୁଷଙ୍କ ନାମରେ ଆଜି ବୃକ୍ଷ ରୋପଣ କରିଥିଲେ । ଗ୍ରାମରେ ଏକ ସୁନ୍ଦର ଓ ମନୋରମ ପରିବେଶ ସୃଷ୍ଟିର ସଂକଳ୍ପ ନେଇଥିଲେ ସ୍ଥାନୀୟ ସରପଂଚ । ବିଭିନ୍ନ ପ୍ରକାରର ବନୌଷଧି, ଫଳ ଗଛ ଲଗାଯାଇ ତାର ଉପଯୁକ୍ତ ଯତ୍ନ ନିଆଯାଇ ଏହି ସ୍ଥାନକୁ ଏକ ଦର୍ଶନୀୟ ସ୍ଥାନ ଭାବରେ ପରିଗଣିତ କରିବାକୁ ସଂକଳ୍ପ ନିଆଯାଇଥିଲା । ଜାବର ବରିଷ୍ଠ ସଦସ୍ୟ ରଞ୍ଜନ ଦେବତା, ବଦ୍ରୀ ପ୍ରସାଦ ସାହୁ, ସଚ୍ଚିଦାନନ୍ଦ ପାତ୍ର, ଧିରେନ୍ଦ୍ର ମହାନ୍ତି, ସୁଦାମ ପ୍ରଧାନ, ବଡ ଶତପଥୀ, ବିଦ୍ୟାଧର ସାହୁ, କୁଞ୍ଜ ବିହାରୀ ସାହୁ, ପୂର୍ବତନ ସରପଂଚ ଡମ୍ବରୁଧର ବେହେରା, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପୂର୍ବତନ ଆବାହକ ରାହାସ ବିହାରି ସାହୁ, ସୋଢ଼ା ଗ୍ରାମ କମିଟିରୁ ଟଙ୍କଧର ପ୍ରଧାନ, ବିପିନ ବିହାରୀ ସାହୁ, ସୁରେନ୍ଦ୍ର ପ୍ରଧାନ, ଦେବାର୍ଚ୍ଚନ ସାହୁ, କିଶୋର ରଣା, କୈଳାସ ପଟେଲ, ରବୀନ୍ଦ୍ର ପ୍ରଧାନ, ଫକୀର ସାହୁ, ଗଣ୍ଡା ରଣା, କୃପାସିନ୍ଧୁ ପ୍ରଧାନ, ଜୟନ୍ତୀ ରଣା, ଅର୍ଜୁନ ରଣା, ବିଶି ରଣାଙ୍କ ସମେତ ଶତାଧିକ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ ।

# ନୂଆପଡାରେ ମାଓ ତାଣ୍ଡବ : ଇନଫର୍ମର ସନ୍ଦେହରେ ଯୁବକଙ୍କୁ ଘରୁ ଉଠାଇ ନେଇ ହତ୍ୟା



ନୂଆପଡା, (ନିପ୍ର) : ପୁଣି ଜିଲ୍ଲାରେ ନିଜର ଦୃଢ ଉପସ୍ଥିତି ଜାହିର କଲେ ମାଓବାଦୀ । ଆଉ ଜିଲ୍ଲାର ମାଓ ଅଧ୍ୟୁଷିତ ସୁନାବେଡା ଅଭୟାରଣ୍ୟରେ ତାଣ୍ଡବ ରଚିଛନ୍ତି । ପୋଲିସ ଇନଫର୍ମର ସନ୍ଦେହରେ ଜଣେ ଯୁବକଙ୍କୁ ଘରୁ ଉଠାଇ ନେଇ ମାଓବାଦୀମାନେ ହତ୍ୟା କରିଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ଛତିଶଗଡ଼ ରାଜ୍ୟ ନାଗରା ଗ୍ରାମର ଯୁବକ ଅନନ୍ତ ରାମ ରାଉତ ସୁନାବେଡା ଅଭୟାରଣ୍ୟ ସ୍ଥିତ ଢେକୁନପାନି ଗାଁର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ । ଏହାପରେ ସେମାନେ ଢେକୁନପାନି ଗାଁରେ ହିଁ ଦୀର୍ଘ ବର୍ଷରୁ ରହି ଆସୁଥିଲେ । ଯୁବକ ଅନନ୍ତ ରାମଙ୍କ କାର୍ଯ୍ୟକଳାପରେ ମାଓବାଦୀ ସନ୍ଦେହ କରି ତାଙ୍କୁ ପୋଲିସ ଇନଫର୍ମର ବୋଲି ଭାବିଥିଲେ । ଏହାପରେ ଯୁବକ ଜଣକୁ ମଧ୍ୟ ରାତ୍ରିରେ ନିଜ ଘରେ ଶୋଇଥିବା ବେଳେ ମାଓବାଦୀମାନେ ତାଙ୍କୁ ଉଠାଇ ଆଣି ଗାଁ ମୁଣ୍ଡରେ ଗୁଳି କରି ହତ୍ୟା କରିଛନ୍ତି । ଦୁର୍ଗମ ଅଂଚଳ ହୋଇଥିବା କାରଣରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଘଟଣା ସ୍ଥଳରେ ପୋଲିସ ପ୍ରଶାସନ ପହପାରି ନଥିଲା ।

# ପ୍ରେମରେ ପଡ଼ି ଜୀବନ ସାଥୀ ବାଛିବା ବେଳେ ସଜାଗ ରୁହନ୍ତୁ

**- ସୁଶ୍ରୀ ସ୍ନେହଲତା**



ଜୀବନ ସାଥୀ ଚୟନ ଜୀବନରେ ବିଶେଷ ଗୁରୁତ୍ୱ ବହନ କରିଥାଏ । ଏଥିରେ ସାମାନ୍ୟ ଭୁଲ ହେଲେ, ସାରା ଜୀବନ କଷ୍ଟ ପାଇବାକୁ ହୁଏ । ଏଣୁ ପ୍ରେମରେ ପଡ଼ି ଜୀବନ ସାଥୀ ବାଛିବା ବେଳେ ଯୁବତୀମାନେ ସଜାଗ ରହିବା ଆବଶ୍ୟକ । ଆସନ୍ତୁ ଏ ଦିଗରେ କିଛି ଟିପ୍ସ ଉପରେ ଧ୍ୟାନ ଦେବା ।

- ପ୍ରେମର ମିଛ ଉଦ୍‌ବେଳନ ନେଇ ଜୀବନ ସାଥୀ ଭାବେ କାହାକୁ ଚୟନ କରନ୍ତୁ ନାହିଁ । ଧୀରସ୍ଥିର ଚିତ୍ତରେ ଚିନ୍ତା କରି ପ୍ରେମକଙ୍କ ଚାଲିଚଳନ ଓ ଆଚାର ବ୍ୟବହାର ଉପରେ ଧ୍ୟାନ ରଖି ପଦକ୍ଷେପ ନିଅନ୍ତୁ ।
- କାହା କଥାରେ ପଡ଼ି କାହା ଉପରେ ବିଶ୍ୱାସ କରିବା ଅପେକ୍ଷା ନିଜ ଅନୁସାରେ ଅନୁଧ୍ୟାନ କରିବା ବାଂଛନୀୟ ।
- ପ୍ରେମର ପ୍ରକୋପରେ ସବୁକିଛି ଠିକ୍‌ଠାକ୍ ମନେହୁଏ । କିଂତୁ ପ୍ରଥମରୁ ନିଜେ ଅନୁଭବ କରିବାକୁ ହେବ ଯେ, ହାତ ମୁଠାରେ ରହିଥିବା ଆବେଗପୂର୍ଣ୍ଣ ସଂପର୍କ ବାସ୍ତବରେ କାଚ ନା ହୀରା । ମନେ ରଖିବାକୁ ହେବ, ବେଳେ ବେଳେ ହୀରା ଠାରୁ ମଧ୍ୟ କାଚ ବେଶୀ ଚକ୍ ଚକ୍ ଦେଖାଯାଏ ।
- ତରବରିଆ ଭାବେ ପଦକ୍ଷେପ ନିଅନ୍ତୁ ନାହିଁ । ଆଗପଛ ବିଚାର କରି ପାଦ ବଢ଼ାନ୍ତୁ । ଏଭଳି ସ୍ଥିତିରେ ଥରେ ପାଦ ବଢ଼ାଇଲେ, ପଛକୁ ଫେରିବା ମୁସ୍‌କିଲ୍ ହୁଏ ।
- ପ୍ରେମ ସବୁବେଳେ ଅମୃତମୟ । କିନ୍ତୁ ଯଦି ପ୍ରେମ ପଛରେ ସ୍ୱାର୍ଥ, ଅହଂକାର, ଭେଦଭାବ କିମ୍ବା ନାନା ପ୍ରକାର ମତାନ୍ତର ରହିଥାଏ, ତେବେ ତାହା ବିଫଳତା ଆଡ଼କୁ ଟାଣିନିଏ । ଏଥିପ୍ରତି ସଜାଗ ହେବା ଉଚିତ ।

# ସମନ୍ୱିତ ଶିଶୁ ବିକାଶ ଯୋଜନ ଡେଲାଙ୍ଗ ପକ୍ଷରୁ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ

ଡେଲାଙ୍ଗ, (ନିପ୍ର) : ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଆଜାଦି କା ଅମୃତ ପାଳନ ଅବସରରେ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଆଇସିଡିଏସ ପକ୍ଷରୁ ସିଡିପିଓ ଜାପାନୀ କୁମାରୀ ମିତ୍ରାଙ୍କ ତତ୍ୱାବଧାନରେ ଦେଶର ଗୌରବକୁ ସମସ୍ତ ଭାରତୀୟ ଅତୁଟ ରଖିବା ନେଇ ଏହି ମାନବ ଶୃଙ୍ଖଳ ତ୍ରିରଙ୍ଗା ଅଭିଯାନ ଡେଲାଙ୍ଗ ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଦେଶ ପ୍ରେମର ବାର୍ତ୍ତା ପ୍ରଚାର ପ୍ରସାର ନେଇ ଅଙ୍ଗନୱାଡି କର୍ମୀମାନେ ହାତରେ ତ୍ରିରଙ୍ଗା ସହ ଦେଶାତ୍ମକ ବୋଧ ସ୍ଲୋଗାନ ଦେଇ ମାନବ ଶୃଙ୍ଖଳ ତ୍ରିରଙ୍ଗା ଶୋଭାଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ, ବ୍ଲକ ଅଧକ୍ଷା ବାସନ୍ତି ସାହୁ, ଉପାଧକ୍ଷ ଦୁର୍ବାଷା ନିଶଂକ, ୧୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ପ୍ରଜ୍ଞା ଛୋଟରାୟ, ୧୬ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ କୁମାର ସାହୁ, ୧୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଦୀପ୍ତୀଶ୍ରୀ ରାଉତରାୟ ଏବଂ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ, ଡେଲାଙ୍ଗ ଆଇଆଇସି ଅନିଲ କୁମାର ମହାନ୍ତି, ଏବିଡିଓ ପ୍ରଦୀପ୍ତ କୁମାର ନାୟକ, ବ୍ଲକ ସହାୟକ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା ଅଙ୍ଗନୱାଡି ସୁପରଭାଇଜର ସଂଘମିତ୍ରା ବେହେରା, ଶାନ୍ତି ବାରିକ, ସୁଶ୍ରୀ ଗୀତା, ସରୋଜିନୀ ବେହେରା, ଝୁନୁ ମଲ୍ଲିକ, ଭାନୁ ମଲ୍ଲିକ ସମେତ ଡେଲାଙ୍ଗ ବ୍ଲକ ସମସ୍ତ ଅଙ୍ଗନୱାଡି କର୍ମୀମାନେ ଏହି ମାନବ ଶୃଙ୍ଖଳ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ଦେଶ ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ଓ ରାଷ୍ଟ୍ରର ବୀରମାନଙ୍କୁ ସ୍ମରଣ କରି ପ୍ରତ୍ୟେକ ହାତରେ ତ୍ରିରଙ୍ଗା ବିବିଧତା ମଧ୍ୟରେ ଏକତା ପ୍ରଦର୍ଶିତ କରିଥିଲେ ।



# ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପତିଯୋଗୀଙ୍କୁ ପୁରସ୍କାର ବିତରଣ ଉତ୍ସବ

ବଲାଙ୍ଗିର, (କେପିଏନ୍‌ଏସ୍) : ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ମଣ୍ଡନ କରିଥିବା ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସହକାରୀ କଲେକ୍ଟର ତଥା ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର୍ ସୁଶ୍ରୀ ସୌମ୍ୟାଶ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବୀନ କୁମାର ନାୟକ, 'କୋଶଳ ପ୍ରବାହ'ର ସଂପାଦକି ଆନଂଦ ଚଂଦ୍ର ସାହୁ, 'ପ୍ରଗତିବାଦୀ'ର ଜିଲ୍ଲା ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ 'ପ୍ରମେୟ'ର ପଶ୍ଚିମ ଓଡ଼ିଶା ମୁଖ୍ୟ ଅଖିଳ ଚନ୍ଦ୍ର ହୋତା ମଂଚାସୀନ ଥିଲେ । ଅତିଥିମାନେ ନିଜ ବକ୍ତବ୍ୟ ମାଧ୍ୟମରେ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଆଗାମୀ ଭାରତର ଜଣେ ଜଣେ ସୁନାଗରିକ ହେବା ପାଇଁ ଆହ୍ୱାନ କରିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ କସ୍ତୁରୀ ରଥ ମଂଚ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ । ଶିକ୍ଷୟିତ୍ରୀ ତପସ୍ୱିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଅରୁନ୍ଧତୀ ବଡ଼େଇ, ନନ୍ଦିନୀ ସାହୁ, ସତ୍ୟାନନ୍ଦ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବାଗ, ଝୁନିତା ଭୋଇ, ବନ୍ଦିତା ତରିଆ, ସୁଚିତ୍ରା ବସ୍ତିଆ, ଦମୟନ୍ତୀ ଚନ୍ଦନ, ନିବେଦିତା ପଣ୍ଡା, ଟିକେ ଜାଲ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରୀ ଉତ୍ସବରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।



## ମହିଳା ଏସ୍‌ସିଏସ୍‌ଓଙ୍କୁ ଯୌନ ନିର୍ଯାତନା ଘଟଣା : ପୀଡ଼ିତାଙ୍କୁ ଭେଟି ଆଲୋଚନା କଲା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ



ବଲାଙ୍ଗିର, (ନିପ୍ର) : ଜିଲ୍ଲା ଯୋଗାଣ ବିଭାଗର ମହିଳା ଅଧିକାରୀଙ୍କୁ ଯୌନ ନିର୍ଯାତନା ଘଟଣା ଦିନକୁ ଦିନ ନୂଆ ମୋଡ଼ ନେଉଛି । ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରୀ ସଭାନେତ୍ରୀ ବନଲତ ମାଝୀଙ୍କ ନେତୃତ୍ୱରେ ଏକ ଦଳ ପୀଡ଼ିତାଙ୍କୁ ଦେଖା କରି ସହଯୋଗର ହାତ ବଢ଼ାଇଛି । ସଙ୍ଘ ନେତ୍ରୀ ଶ୍ରୀମତୀ ମାଝୀ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଦୋଷୀ ଉପରେ ତୁରନ୍ତ କାର୍ଯ୍ୟନୁଷ୍ଠାନ ଦାବୀ କରିଛନ୍ତି । ଶ୍ରୀମତୀ ମାଝୀ ନିଜ ପ୍ରତିକ୍ରିୟାରେ ଆହୁରି କହିଛନ୍ତି ଯେ, ଜିଲ୍ଲା ଯୋଗାଣ ବିଭାଗ ମୁଖ୍ୟ ଅଧିକାରୀ (ସିସିଏସଓ) ମୀର ରାଜ ଅଲ୍ଲୀଙ୍କ ବିରୋଧରେ ଜଣେ ଆଦିବାସୀ ମହିଳା ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଲକ୍ଷାଧିକ ଟଙ୍କା ଲାଂଚ ମାଗିବା, ବେଆଇନ ଭାବେ ବିଳମ୍ବିତ ରାତି ଯାଏ କାର୍ଯ୍ୟାଳୟରେ କାମ କରାଇବା, ଅଶାଳୀନ ମନ୍ତବ୍ୟ ଦେବା ସହିତ ଶାରିରୀକ ମାନସିକ ନିର୍ଯାତନା ଦେବା ଭଳି ଗମ୍ଭୀର ଅଭିଯୋଗ ହୋଇଛି । ପ୍ରଥମେ ଜିଲ୍ଲା ପ୍ରଶାସନ ମହିଳା କର୍ମଚାରୀଙ୍କ ଅଭିଯୋଗ ଉପରେ କାନ ବନ୍ଦ କରିଦେବା ପରେ, ଉକ୍ତ ଆଦିବାସୀ ମହିଳା ଅଧିକାରୀ ଜଣକ ବାଧ୍ୟ ହୋଇ ଗତ ତା.୦୯/୦୮/୨୦୨୨ରିଖରେ ବଲାଙ୍ଗିର ଟାଉନ ଥାନାରେ ଅଭିଯୋଗ କରିଥିଲେ । କେସ ନଂ.୦୪୦୪ ତା.୯/୮/୨୨ ସେକ୍ସନ ୨୯୪,୩୫୪(ଏ), ୫୦୬, ଆଦିବାସୀ ହରିଜନ ନିର୍ଯାତନା ନିବାରଣ ଆଇନ ଧାରା–୩(୧)(ଆର୍‌),୩(୧)(ଏସ୍‌),୩(୨)ରେ ପଞ୍ଜିକୃତ ହୋଇଛି । ଘଟଣାକୁ ଦୀର୍ଘ ୧୧ ଦିନ ବିତିଯାଇଥିଲେ ସୁଦ୍ଧା ଦୋଷୀକୁ ଖୋଜି ପାଉ ନଥିବା ପୋଲିସ କେବଳ ତଦନ୍ତ ନାଁରେ ଦିନ ଗଡାଉଥିବା ଆଲୋଚନା ହେଉଛି । ନର୍ଯାତିତା ନ୍ୟାୟ ପାଇଁ ବାର ଦୁଆର ହେଉଥିବା ବେଳେ ଅଭିଯୁକ୍ତ ବେଫିକର ବୁଲୁଛି ଓ ଜିଲ୍ଲା ପୋଲିସ ଓ ପ୍ରଶାସନର ତଦୃପ କାର୍ଯ୍ୟକଳାପରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ କ୍ଷୋଭ ପ୍ରକାଶ କରିଛି ।

ସଂଘ ପୀଡ଼ିତାଙ୍କ ଘରକୁ ଯାଇ ତାଙ୍କୁ ଭେଟି ଏ ବିଷୟରେ ଆଲୋଚନା କରି ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଦାବୀ କରିଛି । ଆଜିର ଏହି ଆଲୋଚନା ସମୟରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରୀ ସଭାନେତ୍ରୀ ବନଲତା ମାଝୀ, ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ବଲାଙ୍ଗିର ବ୍ଲକ ଉପସଭାପତି ଅଚ୍ୟୁତ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ଉପରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ।

## ଭୁବନେଶ୍ୱରରେ ଟେଲିକମ୍ ବିଭାଗର ଅଧିକାରୀଙ୍କୁ ଭେଟିଲେ ବଲାଙ୍ଗିର ସାଂସଦ ସଙ୍ଗୀତା ସିଂହଦେଓ



ବଲାଙ୍ଗିର, (ନିପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗିର ସାଂସଦ ସଙ୍ଗୀତା ସିଂହଦେଓ ଆଜି ନିଜ ନିର୍ବାଚନ ମଣ୍ଡଳୀରେ ୪ଜି ସଂଯୋଗର ନବୀକରଣ ସମ୍ପର୍କରେ ଭାରତ ସରକାରଙ୍କ ଭୁବନେଶ୍ୱର ସ୍ଥିତ ଟେଲିକମ୍ ବିଭାଗରରେ ବିଏସ୍‌ଏନ୍‌ଏଲ୍ ଇଣ୍ଡିଆର ସିଜିଏମ୍‌ଏଲ୍ ଆର୍. ଏନ୍. ପଲାଇ ଏବଂ ଟେଲିକମ୍ ବିଭାଗର ଅଧିକାରୀଙ୍କୁ ଭେଟିଛନ୍ତି । ଏହା ସହ ଅଧିକାରୀମାନଙ୍କୁ ବଡମାଲ ସ୍ଥିତ ଅର୍ଡିନାନ୍ସ ଫ୍ୟାକ୍ଟ୍ରିରୁ ବଲାଙ୍ଗିର ପର୍ଯ୍ୟନ୍ତ ଶୂନ ସଂଯୋଗୀକରଣ ସ୍ଥଳଗୁଡ଼ିକର ଏକ ତାଲିକା ଦେଇଛନ୍ତି ସାଂସଦ ଶ୍ରୀମତୀ ସିଂହଦେଓ । ଏହି ସମୟରେ ସାଂସଦ ଶ୍ରୀମତୀ ସିଂହଦେଓଙ୍କ ସହ ବିଜେପିର ବରିଷ୍ଠ ନେତା କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ଥିଲେ ।






## ବଲାଙ୍ଗିର ଜଙ୍କସନ୍‌ଠାରେ ଚଳନ୍ତା ଟ୍ରେନ୍‌ରେ ପ୍ରସବ କଲେ ମହିଳା



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜଙ୍କସନ୍‌ଠାରେ ଚଳନ୍ତା ଟ୍ରେନରେ ପ୍ରସବ କରିଛନ୍ତି ଜଣେ ମହିଳା ବୋଲି ଖବର ମିଳିଛି । ସୂଚନା ଅନୁସାରେ ରାୟଗଡାରୁ ସମ୍ବଲପୁର ଅଭିମୁଖେ ଫେରୁଥିବା ବେଳେ ଚଳନ୍ତା ଟ୍ରେନରେ ଜଣେ ମହିଳା ପ୍ରସବ କରିଛନ୍ତି । ଏନେଇ ଖବର ପାଇବା ପରେ ବଲାଙ୍ଗିର ଜଙ୍କସନ୍‌ଠାରେ ଷ୍ଟେସନ କର୍ତ୍ତୃପକ୍ଷ ଓ ଆର୍‌ପିଏଫ୍ ସହାୟତାରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ନିଆଯାଇଥିଲା ।

ମେଡିକାଲରେ ମା’ ଓ ନବଜାତ ଶିଶୁର ସ୍ୱାସ୍ଥ୍ୟ ଭଲ ରହିଥିବା ଜଣାପଡିଥିବା ବେଳେ ଏହି ଘଟଣା ପାଇଁ ବୁଧବାର ବିଳମ୍ବିତ ରାତ୍ରୀରେ ଟ୍ରେନକୁ ୪୩ ମିନିଟ ଅଟକିବାକୁ ପଡିଥିଲା ।

## ରୁଗୁଡିପଡ଼ା ଦୁର୍ଗାପୂଜା ପାଇଁ ମୃତ୍ତିକା ଅନୁକୂଳ



ବଲାଙ୍ଗିର, (ନିପ୍ର) : ରୁଗୁଡିପଡା ଶାରଦୀୟ ଦୁର୍ଗାପୂଜା ପାଇଁ ମୃତ୍ତିକା ଅନୁକୂଳ ପର୍ବ ଅନୁଷ୍ଠିତ ହୋଇଯାଇଛି । ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ବୈଦିକ ରୀତିନୀତି ଅନୁସାରେ ଶନିବାର ଭାଦ୍ରବ ଶୁକ୍ଳ ନବମୀ ତିଥିରେ ବିଲ୍ୱବୃକ୍ଷ ମୂଳରୁ ମୃତ୍ତିକା ସଂଗ୍ରହ କରାଯାଇଛି । ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଏହି ପବିତ୍ର ମାଟିକୁ ପୂଜାର୍ଚ୍ଚନା କରାଯାଇ ମୃଣ୍ମୟୀ ପ୍ରତିମା ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଚଳିତ ବର୍ଷ କର୍ତ୍ତା ଭାବରେ ମହେନ୍ଦ୍ର ପାଣ୍ଡିଆ ଓ ଧର୍ମପତ୍ନୀ ତପସ୍ୱିନୀ ପାଣ୍ଡିଆ ଦାୟିତ୍ୱ ତୁଲାଇଛନ୍ତି ।

ଏହି ଉପଲକ୍ଷେ ଆଜି ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ବିଲ୍ୱବୃକ୍ଷଠାରେ ପୂଜାର୍ଚ୍ଚନା କରିଥିଲେ । ମୃତ୍ତିକା ସଂଗ୍ରହ ପରଠୁ ପ୍ରତିମା ନିର୍ମାଣ କାମ ଆରମ୍ଭ ହେବ । ପୂଜା କାର୍ଯ୍ୟରେ ପୂଜକ ଭାବେ ନିରଂଜନ ମହାପାତ୍ର, ବିଶେଶ୍ୱର ପୁଜାରୀ, ହିମାଂଶୁ ପାଢ଼ୀ, ସତ୍ୟନାରାୟଣ ପଣ୍ଡା, ଲକ୍ଷ୍ମୀ ମହାରଣା, ଡମ୍ବରୁ ପଶାୟତ, ସ୍ୱସ୍ତିକ ସାହୁ, ଶିଶିର ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ଚେତନାନନ୍ଦ ପଣ୍ଡା, ଉପସଭାପତି ସଂଜିବ ଶତପଥୀ, ପ୍ରଦୀପ ପଟ୍ଟନାୟକ, କୋଷାଧକ୍ଷ ଦେବାଶିଷ ମହାକୁର, କାର୍ଯ୍ୟକାରୀ ସଦସ୍ୟ ଭାଗୀରଥି ମହାକୁର, ସଂଜୟ ପୁଜାରୀ, ସୁବାଷ ନାଏକ, ହୃଷି ପଟ୍ଟନାୟକ, ଆନନ୍ଦ ସାହୁ, ଠଗୋ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu